## ବଢ଼ୁଛି ଅପରାଧିକ ମାମଲା

# ୪ ଦିନରେ ରୁଜୁ ହେଲା ୪ ମାମଲା

ବଲାଙ୍ଗିର, ୧୩।୧୨(ସମିସ)

ବର୍ଷ ଶେଷ ହେବା ପୂର୍ବରୁ ଗତ କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲାରେ ଏକାଧିକ ସମ୍ବେଦନଶୀଳ ଅପରାଧିକ ମାମଲା ସାମ୍ନାକୁ ଆସିଛି। ରାତିରେ ଅପରାଧ ସକାଳ ହେଲେ ସାମ୍ନାକୁ ଆସୁଛି ଅପରାଧିକ ମାମଲା। ଶୁକ୍ରବାର ସକାଳୁ କଣ୍ଟାବାଞ୍ଜି ଅଞ୍ଚଳରେ ଦୁଇ ମହିଳାଙ୍କ ମୃତଦେହ ରେଳ ଧାରଣା କଡ଼ରୁ ଉଦ୍ଧାର ହୋଇଥିବା ବେଳେ ଗୁରୁବାର ଜଣେ କ୍ଷତାକ୍ତ ଯୁବକଙ୍କୁ ଲୋକେ ଉଦ୍ଧାର କରିଥିଲେ। ଏହା ପୂର୍ବରୁ କନଷ୍ଟବଲ ଦମ୍ପତିଙ୍କ ଝଗଡ଼ା ଓ ହତ୍ୟା ଉଦ୍ୟମ ଘଟଣା ପ୍ରମୁଖ ଖବର ପାଲଟିଥିବା ବେଳେ ଘରୋଇ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ମଧ୍ୟ ସାମ୍ନାକୁ ଆସିଛି। ଏହିଭଳି ଭାବେ ଗତ ପ୍ରାୟ ଚାରି ଦିନ ଭିତରେ ଚାରୋଟି ଅପରାଧିକ କାର୍ଯ୍ୟକଳାପ ସାମ୍ନାକୁ ଆସିଲାଣି।

ଘଟଣାବହୁଳ ବଲାଙ୍ଗିର ଜିଲ୍ଲାରେ ପ୍ରତିଦିନ କିଛି ନା କିଛି ବଡ ଖବର ସାମ୍ନାକୁ ଆସିଥାଏ। ତେବେ ଗତ କିଛି ଦିନ ହେଲା ବଲାଙ୍ଗିର ଜିଲ୍ଲା ଅପରାଧିକ ଖବରକୁ ନେଇ ଚର୍ଚ୍ଚାରେ ରହି ଆସିଛି। ଗତ ୮ ତାରିଖରେ ବଲାଙ୍ଗିର ଜିଲ୍ଲାରେ କନେଷ୍ଟବଲ ଦମ୍ପତିଙ୍କ ଝଗଡ଼ା ଓ ମରଣାନ୍ତକ ଆକ୍ରମଣ ଘଟଣା ସାମ୍ନାକୁ ଆସିଥିଲା। ବଲାଙ୍ଗିର ଜିଲ୍ଲା ପୁଲିସ ବିଭାଗରେ କାର୍ଯ୍ୟରତ ଥିବା ନୁପୁର ବିଶ୍ୱାଳଙ୍କୁ ତାଙ୍କ କନେଷ୍ଟବଲ ସ୍ୱାମୀ ଜ୍ୟୋତିର୍ମୟ ପଧାନ ମରଣାନ୍ତକ ଆକ୍ରମଣ କରିଥିଲେ। ବଲାଙ୍ଗିର ଫେରିବା ବାଟରେ ଗାଡ଼ି ଅଟକାଇ ଜଣେ ସହଯୋଗୀ ସହ ମିଶି ପଥରରେ ଛେଚି ହତ୍ୟା ପାଇଁ ଉଦ୍ୟମ କରିଥିଲେ। ସଂକଟାପନ୍ନ ଅବସ୍ଥାରେ ନୁପୁରଙ୍କ ଚିକିତ୍ସା ଚାଲିଛି। ଏହି ଘଟଣାରେ ପୁଲିସ ପୂର୍ବରୁ ଜଣକୁ ଗିରଫ କରିଥିବା ବେଳେ ଶୁକ୍ରବାର ସ୍ୱାମୀକୁ ଗିରଫ କରିଥିବା ଜଣାପଡ଼ିଛି। ଏହାର ଦିନକ ପରେ ଦେଓଗାଁ ଅଞ୍ଚଳରେ ଏକ ହତ୍ୟା ମାମଲା ସାମ୍ନାକୁ ଆସିଥିଲା। ତିନି ଜଣ ସାଙ୍ଗ ହୋଇ ମଦ ପିଇବା ପରେ ଝଗଡ଼ା ହୋଇଥିଲେ। ନିଶାସକ୍ତ ଅବସ୍ଥାରେ ଦୁଇ ଜଣ ମିଶି ଅନ୍ୟ ଜଣଙ୍କୁ ହତ୍ୟା କରିଥିଲେ। ଦେଓଗାଁ ଅଞ୍ଚଳର ବୁଲୁ ବାଗଙ୍କୁ ହତ୍ୟା କରାଯାଇଥିବା ବେଳେ ହତ୍ୟା ପରେ ରେଳ ଲାଇନରେ ପକାଇ ଆତ୍ମହତ୍ୟାର ରୂପ ଦେବାକୁ ଚେଷ୍ଟା କରିଥିଲେ। ଏହି ଘଟଣାରେ ପୁଲିସ ଦୁଇ ଜଣ ଅଭିଯୁକ୍ତକୁ ଗିରଫ କରିଛି। ସେହିପରି ଗତ ଗୁରୁବାର ବଲାଙ୍ଗିର କଦମପଡ଼ା ରେଳ ଲାଇନରୁ ଜଣେ ଯୁବକଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ହତ୍ୟା ଉଦ୍ୟମ କରିବା ପାଇଁ ଚେଷ୍ଟା କରାଯାଉଥିବା ଆଲୋଚନା ହେଉଥିବା ବେଳେ ଏଯାଏଁ ଘଟଣା ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ଗୁରୁବାର ମଧ୍ୟାହ୍ନରେ ଆରଟିଓ ଛକ ନିକଟରେ

**▌ଶୁକ୍ରବାର ଦୁଇ ମହିଳାଙ୍କ ମୃତଦେହ ଉଦ୍ଧାର**

**▌ସ୍ତ୍ରୀକୁ କନେଷ୍ଟବଲ ସ୍ୱାମୀଙ୍କ ଆକ୍ରମଣ, କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା**

ଥିବା ଏକ ଘରୋଇ କଲେଜର ଛାତ୍ରୀ ହଷ୍ଟେଲରେ ଆତ୍ମହତ୍ୟା କରିଥିଲେ।ଆତ୍ମହତ୍ୟା କାରଣ ସ୍ପଷ୍ଟ ହୋଇନଥିବା ବେଳେ ସେ ମାନସିକ ଚାପରେ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ଏହା ପରେ ଶୁକ୍ରବାର ସକାଳୁ ପୁଣି ଏକ ଖବର ଚାଞ୍ଚଲ୍ୟ ସୃଷ୍ଟି କରିଛି। କଣ୍ଟାବାଞ୍ଜି ନିକଟସ୍ଥ କୁକୁଡାହାଣ୍ଡି ରେଳଲାଇନ କଡ଼ରେ ଦୁଇ ଜଣ ମହିଳାଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର ହୋଇଛି। ଜଣେ ମହିଳାଙ୍କ ଶବ ରେଳଲାଇନ ମଝିରେ ପଡ଼ିଥିବା ବେଳେ ଆଉ ଜଣେ ମହିଳାଙ୍କ ମୃତଦେହ ଅଦ କିମି ଦୂରରେ ରେଳ ଲାଇନ କଡରେ ପଡ଼ିଛି। ତେବେ ଆତ୍ମହତ୍ୟା ଠାରୁ ଅଧିକ ହତ୍ୟା ମାମଲା ବୋଲି ଲୋକେ ସନ୍ଦେହ କରିଛନ୍ତି। ମହିଳାମାନଙ୍କ ପରିଚୟ ମିଳିନଥିବା ବେଳେ ଜିଆର୍‌ପି ମାମଲାର ତଦନ୍ତ କରୁଥିବା ଜଣାପଡ଼ିଛି। ପୂର୍ବରୁ ହତ୍ୟା ପରେ ଆତ୍ମହତ୍ୟା ରୂପଦେବାକୁ ଉଦ୍ୟମ କରାଯାଉଥିବା ଘଟଣା ଜିଲ୍ଲାରେ ସାମ୍ନାକୁ ଆସିଥିବା ବେଳେ ଏହାର ତଦନ୍ତ ମଧ୍ୟ ସ୍ଥାନୀୟ ପୁଲିସ କରିବାକୁ ଦାବି ହୋଇଛି। ଗତ କିଛି ଦିନ ଭିତରେ ଏହି ଏକାଧିକ ଅପରାଧିକ ମାମଲା ବଲାଙ୍ଗିରରେ ଆଲୋଚନାର ବିଷୟ ପାଲଟିଥିବା ବେଳେ ବର୍ଷ ଶେଷ ହେବା ପୂର୍ବରୁ ଅପରାଧିକ ଡିସେମ୍ବର ରାସ୍ତାରେ ବଲାଙ୍ଗିର ଗତି କରୁଥିବା ଭଳିମନେ ହେଉଥିବା ଲୋକେ ପ୍ରକାଶ କରିଛନ୍ତି।

## ଦେଢ଼େଲ ଜଙ୍ଗଲରେ ୪୪ ଟିକିଆ ହାତୀପଲ



**ସଇଁତଲା, ୧୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଞ୍ଜ ବେଲଗାଁ ଫରେଷ୍ଟ ଅଞ୍ଚଳ ଦେଢେଲ ଜଙ୍ଗଲ ରେ ୪୪ ଟିକିଆ ହାତୀପଲ ଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁସାରେ ଗୁରୁବାର ରାତିର କଳାହାଣ୍ଡି ଜିଲ୍ଲା ପଟରୁ ତେଲନଦୀ ଡେଇ ଟିଟିଲାଗଡ଼ ବନାଞ୍ଚଳରେ ହାତୀ ପ୍ରବେଶ କରିଛି। ଡ୍ରୋନ କ୍ୟାମେରା ସହାୟତାରେ ହାତୀଙ୍କ ଗତିବିଧି ଉପରେ ନଜର ରଖିଛି ବନ ବିଭାଗ। ହାତୀକୁ ନେଇ ଅଞ୍ଚଳରେ ଆତଙ୍କ ଦେଖା ଦେଇଥିବା ବେଳେ ବନ ବିଭାଗ ଗାଁକୁ ଗାଁ ଯାଇ ଡାକବାଜି ଯନ୍ତ୍ର ଯୋଗେ ଲୋକଙ୍କୁ ସଚେତନ କରୁଛି। ଘଟଣା ସ୍ଥଳରେ ଟିଟିଲାଗଡ଼ ବନାଞ୍ଚଳ ଅଧିକାରୀ ସଚିଦା ନନ୍ଦ ସୁବୁଦ୍ଧି, ବେଲଗାଁ ବନାଞ୍ଚଳ ଅଧିକାରୀ ଓ ସଇଁତଲା ପୁଲିସ ଉପସ୍ଥିତ ଅଛନ୍ତି। ଅଞ୍ଚଳକୁ ହାତୀ ପ୍ରବେଶ କରି ଶିଶକେଲା ଓ ଘୁନସର ଅଞ୍ଚଳର ଧାନ ଓ ପନିପରିବା ଫସଲ ନଷ୍ଟ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

## ରାଜ୍ୟ ଯୁବ ବିଜେଡି ସମ୍ପାଦକଙ୍କ ସାମ୍ବାଦିକ ସମ୍ମିଳନୀ

# 'ଡବଲ ଇଞ୍ଜିନ ସରକାରଙ୍କ ପ୍ରତାରଣା ଚରମ ସୀମାରେ'

**କଣ୍ଟାବାଞ୍ଜି, ୧୩।୧୨(ସମିସ):** ବିଜେପି ନେତାମାନେ ନିର୍ବାଚନ ପ୍ରଚାର ମୌଦାନରେ ଜନସାଧାରଣଙ୍କୁ ପ୍ରତିଶ୍ରୁତି ଉପରେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଓଡ଼ିଶାରେ ଡବଳ ଇଞ୍ଜିନ ସରକାର ଆସିବା ପରେ ପ୍ରତିଶ୍ରୁତି ଭୁଲିଯାଉଛନ୍ତି ଦଳୀୟ ନେତା। ଗରିବଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ବଦଳରେ ପ୍ରତାରଣା କରୁଥିବା ସହ ଘର ସୁଭଦ୍ରାକୁ ଆଣି ଶୋଇଲା ଡବଳ ଇଞ୍ଜିନ ସରକାର ବୋଲି ଅଭିଯୋଗ



ଆଣିଛନ୍ତି ରାଜ୍ୟ ଯୁବ ବିଜେଡି ସମ୍ପାଦକ ଅଜିତ ଯୋଶୀ। ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଡବଳ ଇଞ୍ଜିନ ସରକାରଙ୍କ ଉପରେ ବର୍ଷିଛନ୍ତି। ନବୀନ ସରକାର ଶୀତ ଋତୁରେ ଓଡ଼ିଶାର ଭତ୍ତା ହିତାଧିକାରୀଙ୍କୁ ଶୀତ ବସ୍ତ୍ର ପାଇଁ ଟଙ୍କା ଦେଉଥିଲେ। କିନ୍ତୁ ଡବଳ ଇଞ୍ଜିନ ସରକାର ଆସିବା ପରେ ଭତ୍ତା ହିତାଧିକାରୀଙ୍କୁ ଶୀତ ବସ୍ତ୍ର ପାଇଁ ଅନୁଦାନ ମିଳୁନି। ବିଜେପି ସରକାର ଭୁଲିଗଲେ ଓଡ଼ିଶାରେ ରହୁଥିବା ହଜାର ହଜାର ଭତ୍ତା ହିତାଧିକାରୀଙ୍କ ଦୁଃଖ। ନିର୍ବାଚନ ସମୟରେ ବିଜେପି ବିଧାୟକ ପ୍ରାର୍ଥୀମାନେ ଓଡ଼ିଶାରେ ଡବଳ ଇଞ୍ଜିନ ସରକାର ଆସିଲେ ଭତ୍ତା ହିତାଧିକାରୀଙ୍କୁ ୩ ହଜାର ଟଙ୍କା ଭତ୍ତା ଦେବେ ବୋଲି କହିଥିଲେ। ସରକାରଙ୍କୁ ଗଣମାଧ୍ୟମ ଜରିଆରେ ଅନୁରୋଧ ତୁରନ୍ତ ଭତ୍ତା ହିତାଧିକାରୀଙ୍କୁ ଶୀତବସ୍ତ୍ର କିଣିବା ପାଇଁ ଅର୍ଥ ଦିଅନ୍ତୁ। ସମ୍ବଲପୁରରେ ନିର୍ବାଚନ ପ୍ରଚାରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଆମ ଡବଳ ଇଞ୍ଜିନ ସରକାର ଆସିଲେ ୩୦୦ ୟୁନିଟ୍ ବିଜୁଳି ଆମେ ମାଗଣା ଦେବୁ କହିଥିଲେ। ଯାହା ପ୍ରତିଶ୍ରୁତି ଦେଇଥିଲେ ଏବେ ସବୁ ଭୁଲିଗଲେଣି। ଅସହାୟ ହିତାଧିକାରୀଙ୍କୁ ପ୍ରତାରଣ ନ କରି ୩ ହଜାର ଭତ୍ତା ବୃଦ୍ଧି, ସୁଭଦ୍ରା ଯୋଜନାରେ ୫୦ ହଜାର ଟଙ୍କା, ୩୦୦ ୟୁନିଟ୍ ବିଜୁଳି ମାଗଣା ଦିଅ ବୋଲି ଶ୍ରୀ ଯୋଶୀ କହିଛନ୍ତି।

# ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା ଜାରି

### ସଂକଳ୍ପପତ୍ର ଜାରି ନ କଲେ ଆନ୍ଦୋଳନ ତୀବ୍ର ହେବ

**ଖପ୍ରାଖୋଲ, ୧୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ପରିସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ଗଣଧାରଣା ୧୯ ଦିନରେ ପହଞ୍ଚି ଥିବା ବେଳେ ଏପର୍ଯ୍ୟନ୍ତ ସରକାରଙ୍କ ତରଫରୁ କୌଣସି ସନ୍ତୋଷଜନକ ଉତ୍ତର ମିଳି ପାରିନାହିଁ। ଗୋଟିଏ ପଟେ ସରକାର ଆନ୍ଦୋଳନକାରୀଙ୍କୁ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ପାଇଁ ସଙ୍କଳ୍ପ ଜାରି କରି ନ ଥିବା ବେଳେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ତରଫରୁ ଆଜକୁ ୧୯ ଦିନ ହେବ ଗନ୍ଧମାର୍ଦ୍ଦନ ସୁରକ୍ଷା ପାଇଁ ଦିନ ରାତି ଗଣଧାରଣା ଜାରି ରଖିଛନ୍ତି। ଦିନକୁ ଦିନ ଆନ୍ଦୋଳନ ପାଇଁ ଗଣଧାରଣାରେ ବଲାଙ୍ଗିର, ବରଗଡ଼ ନୂଆପଡ଼ା, ଜିଲ୍ଲାରୁ ବିଭିନ୍ନ ସଂଗଠନ, ସ୍ୱେଚ୍ଛାସେବୀ, ପରିବେଶବିତ୍‌ଙ୍କ ଜନସମର୍ଥନ ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି। ଏହି ଅବସରରେ ପୂର୍ବତନ ପିସିସି ସଭାପତି ଶରତ ପଟ୍ଟନାୟକ, ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ କୁମାର ମେହେର, ପାଟନାଗଡ଼ରୁ ଅନିଲ କୁମାର ମେହେର, ଗଣଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ପୂର୍ଣସମର୍ଥନ ଜଣାଇ ଡବଲ ଇଞ୍ଜିନ ସରକାରକୁ ତୀବ୍ର ସମାଲୋଚନା କରିଛନ୍ତି। ଜୈବ ବିବିଧତା ଭରା ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ପାଇଁ ଆଗାମୀ ଦିନରେ ଦିଲ୍ଲୀ ସାଂସଦରେ ପ୍ରଶ୍ନ ଉଠିବ ବୋଲି ଶରତ ପଟ୍ଟନାୟକ କହିଛନ୍ତି। ଏଥିସହିତ ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅହରାତ୍ର ୧୯ତମ ଗଣଧାରଣର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ସର୍ବସମ୍ମତିକ୍ରମେ ଆଗାମୀ ଜାନୁୟାରୀ ମାସ ୧୨ତାରିଖରେ ଚାଉଳବାଞ୍ଜି



ଠାରେ ପଶ୍ଚିମ ଓଡ଼ିଶା ମହାସମାବେଶ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦ ମହାସମାରୋହରେ ପାଳନ କରିବା ପାଇଁ ନିଷ୍ପତ୍ତି ନେବା ସହିତ ଆସନ୍ତା ୧ତାରିଖ ନୂତନ ବର୍ଷରେ ସବୁ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାର୍ଷିକ ସମାବେଶ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିଥିବା ଗଣଧାରଣା ସ୍ଥଳରେ ପାଳନ କରାଯିବାର ସ୍ଥିର ହୋଇଛି। ବୈଠକରେ ରମେଶ ପଧାନ, ବିପ୍ର ବିଶି, ଜୟସିଂ ପୂଜାରୀ(ଆବାହକ)ଅନିଲ ମେହେର, (ପାଟଣାଗଡ଼), ଚନ୍ଦନ ସାହୁ, ଲବ ସୁନା, ପୁରନ ସାହୁ, ରାଜକୁମାର ସେଠ, ରଘୁନାଥ ସିଂ ବରିହା, ମୋହନ ଜଗତ, ତରଣୀସେନ ସାହୁ, କ୍ଷାମାଦ୍ରୀ ସା, ସୁଶୀଲ ନାୟକ, ଟେକେନ୍ଦ୍ର ଜାଲ, ପର୍ଶୁରାମ ଖମାରି, ବୃନ୍ଦାବନ ବାରିକ, ଯଶୋବନ୍ତ ବରିହା, ଚନ୍ଦ୍ରହାସ୍ୟା ଜାଲ ପ୍ରମୁଖ ଉପସ୍ଥିତ ଥିଲେ।

## ବନ ବିଭାଗର ଚଢ଼ଉ, କାଠପଟା ଜବତ



**ଦେଓଗାଁ, ୧୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ରେଞ୍ଜ ଅନ୍ତର୍ଗତ ସରଗଡ଼ା ଗାଁ ନିକଟ ଏକ ଆମ୍ବବଗିଚାରେ ଦେଓଗାଁ ବନବିଭାଗ ଚଢ଼ଉ କରି ଲକ୍ଷାଧିକ ଟଙ୍କାର ଶାଗୁଆନ କାଠପଟା ଜବତ କରିଛି।ଏ ସଂକ୍ରାନ୍ତରେ ବନବିଭାଗ ପକ୍ଷରୁ କେସ ନଂ ୨୪୭/୨୪ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଥିବା ଫରେଷ୍ଟର ବ୍ୟାସଦେବ ସାହୁ ସୂଚନା ଦେଇଛନ୍ତି। ପ୍ରକାଶଯେ, ତେନ୍ତୁଲିଖୁଣ୍ଟି କଲେଜର ଅଧ୍ୟକ୍ଷ ଚକ୍ର ପଧାନ ତଥା ପୂର୍ବତନ ସରପଞ୍ଚ ପ୍ରଭାସିନି ପଧାନଙ୍କ ସରଗଡ଼ା ଗାଁ ନିକଟସ୍ଥ ଆମ୍ବବଗିଚାରେ ବେଆଇନଭାବେ ଲକ୍ଷାଧିକ ଟଙ୍କାର ଶାଗୁଆନପଟା ରହିଥିବା ବନବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ରେଞ୍ଜର ଯୁଧିଷ୍ଠିର ଜାଲ ଓ ଫରେଷ୍ଟର ସାହୁଙ୍କ ନେତୃତ୍ୱରେ ଚଢ଼ଉ କରିଥିଲା।୧୯.୬୩ ସେଫଟି ଶାଗୁଆନପଟା (ଯାହାର ସରକାରୀ ମୂଲ୍ୟ ୨ଲକ୍ଷ୫୦ହଜାର ଟଙ୍କା) ଜବତ କରି ଦେଓଗାଁ ରେଞ୍ଜକୁ ଅଣାଯାଇଥିଲା। ତେବେ ଚକ୍ରଧର ପଧାନ ଫେରାର ରହିଥିବା ବନବିଭାଗ ସୂଚନା ଦେଇଛି।

## ଆଇଟିଆଇ ଫେଷ୍ଟ ଉଦ୍‌ଯାପିତ



**ବଲାଙ୍ଗିର, ୧୩।୧୨(ସମିସ):** ବଲାଙ୍ଗିର ଲର୍କିପାଲିସ୍ଥିତ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନରେ ଚାଲିଥିବା ବଲାଙ୍ଗିର ଜୋନ ଆଇଟିଆଇ ଫେଷ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦସେଠୀ ଯୋଗଦେଇ କାର୍ଯ୍ୟକ୍ରମକୁ ସମାପ୍ତ ଘୋଷଣା କରିଥିଲେ। ନିଜର ବକ୍ତବ୍ୟ ରଖି ମଣିଷର ସୁସ୍ଥ ଜୀବନ ପାଇଁ କ୍ରୀଡ଼ାର ମହତ୍ୱ ସର୍ମ୍ପକରେ ବର୍ଣ୍ଣନା କରିଥିଲେ। ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ବିଭିନ୍ନ କୀଡା, କଳା ଓ ସାଂସ୍କୃତିକ ପ୍ରତିଯୋଗୀତା କରାଯାଇଥିଲା। ଅବିଭକ୍ତ ବଲାଙ୍ଗିର-କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରୁ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମର ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗୀତାମାନଙ୍କରେ ସଫଳତା ପାଇଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ଆଇଟିଆଇ ଫେଷ୍ଟରେ ଭାଗ ନେବାର ସୁଯୋଗ ମିଳିବ ବୋଲି ସୂଚନା ରହିଛି।

## ଶାନ୍ତିଲତା ଉଦ୍‌ଗାତାଙ୍କ ପରଲୋକ



**ବଲାଙ୍ଗିର, ୧୩।୧୨(ସମିସ):** ଶାନ୍ତିଲତା ଉଦଗାତାଙ୍କ ୮୨ ବର୍ଷ ବୟସରେ ମାଲପଡ଼ା ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ମହିଳା ଥିଲେ। ତାଙ୍କ ଶେଷ ସମୟରେ ତିନିପୁତ୍ର ଆଶୁତୋଷ, ଶିକ୍ଷାବିଦ ରାଜେଶ, ରିତେଶ ଓ ତାଙ୍କର ୪ଝିଅ, ନାତି ନାତୁଣି ବନ୍ଧୁପରିଜନ ପ୍ରମୁଖ ଉପସ୍ଥିତ ଥିଲେ। ମୁଖାଗ୍ନି ରାଜେଶ ଉଦ୍‌ଗାତା ଦେଇଥିଲେ। ତାଙ୍କ ବିୟୋଗରେ ପରିଚିତ ମହଲରେ ଶୋକର ଛାୟା ଖେଳି ଯାଇଛି।

# କୁତୁର୍ଲା ଧ୍ରୁବାନନ୍ଦ କଲେଜର ବାର୍ଷିକକ୍ରୀଡ଼ା

**ଦେଓଗାଁ, ୧୩।୧୨(ସମିସ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ବାର୍ଷିକକ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରମୋଦ କୁମାର ବଡପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପର୍ଶୁପାଲିର ଆସରପ୍ରାପ୍ତ ପ୍ରଧାନଶିକ୍ଷକ ଦାମୋଦର ନାୟକ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରି ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବିଜୟକୁମାର ଜାଲ, ହେମନ୍ତ କୁମାର ସାହୁ, ଶ୍ରୀମଙ୍ଗଳ ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମ ଦିବସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ,




ସଟପୁଟ ଥ୍ରୋ, ଡିସକସ ଥ୍ରୋ, ଜେଭଲିନ ଥ୍ରୋ, ଲମ୍ଫଡିଆଁ, ଉଚ୍ଚଡିଆଁ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ସରୋଜ କୁମାର ନାୟକ ପରିଚାଳନା କରିଥିବା ବେଳେ କ୍ରୀଡା ଉତ୍ସବକୁ ସମସ୍ତ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

## ଟେନିସ ବଲ କ୍ରିକେଟ ପ୍ରିମିୟର୍ ଲିଗ

# ମୁମ୍ବାଇ ଦଳରେ ପାଟଣାଗଡ଼ର ମହେନ୍ଦ୍ର

**ପାଟଣାଗଡ଼, ୧୩।୧୨(ସମିସ):** ଟେନିସ ବଲ କ୍ରିକେଟ ଖେଳ ଇଣ୍ଡିଆନ ଷ୍ଟ୍ରିଟ୍ ପ୍ରିମିୟର୍ ଲିଗ (ଆଇସିପିଏଲ) ସିଜିନ ଦୁଇରେ ବଲିଉଡ ସିନେଷ୍ଟାର ଅମିତାଭ ବଚ୍ଚନଙ୍କ ଟିମ୍ ମୁମ୍ବାଇ ଦଳ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ବାଲିପଟା ଗ୍ରାମର ମହେନ୍ଦ୍ର ଚନ୍ଦନଙ୍କୁ ତିନି ଲକ୍ଷ ଟଙ୍କାରେ କିଣିଛି। ଖବର ମିଳିବା ପରେ ପାଟଣାଗଡ଼ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ଆସନ୍ତା ଜାନୁଆରୀ ଓ ଫେବୃଆରୀ ମାସ ମଧ୍ୟରେ ଆଇପିସିଏଲ ପ୍ରିମିୟର ଲିଗ ଟେନିସ ବଲ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହେବ।ଏଥିରେ ଦେଶର ବେଙ୍ଗାଲୁରୁ, ଚେନ୍ନାଇ, ହାଇଦ୍ରାବାଦ, କୋଲକାତା, ଶ୍ରୀ ନଗର, ମୁମ୍ବାଇ ଭଳି ୬ ଟି ଦଳ ଯୋଗ ଦେବେ। ବଲିଉଡ ଜଗତର ସିନେ ଷ୍ଟାର ଅଭିନେତା, ଅଭିନେତ୍ରୀ ଓ ନିର୍ଦ୍ଦେଶକ ଆଇପିସିଏଲର ଆୟୋଜନ କରୁଛନ୍ତି। ମୁମ୍ବାଇ ଦଳରେ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ବାଲିପଟା ଗ୍ରାମର ମହେନ୍ଦ୍ରଙ୍କୁ ସୁଯୋଗ ମିଳିଥିବାରୁ କ୍ରିକେଟ ପ୍ରେମୀ ତଥା ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିବାସହ ମହେନ୍ଦ୍ରଙ୍କୁ ଧନ୍ୟବାଦ ଜଣାଇଛନ୍ତି।




## ସରକାରୀ କାର୍ଯ୍ୟାଳୟରେ ପରିସ୍ରା ପାଇଁ କାନ୍ଥବାଡ଼ ସାହାରା

# ସ୍ୱଚ୍ଛତା ପାଇଁ ବ୍ୟବସ୍ଥା ନାହିଁ

ବଲାଙ୍ଗିର, ୧୩।୧୨(ସମିସ)

ପ୍ରଧାନମନ୍ତ୍ରୀ ଦେଶରେ ସ୍ୱଚ୍ଛ ଭାରତ ମିଶନ ଲାଗୁ କରିବାର ଦଶନ୍ଧୀ ବିତିଗଲାଣି। କିନ୍ତୁ ଏବେବି ସୁଧୁରିନି ଅପରିଷ୍କାର, ଅପରିଚ୍ଛନ୍ନତାର ଚିତ୍ର। ଗାଁ, ସହର କଥା ଛାଡନ୍ତୁ। ଜିଲ୍ଲା ସଦର ମହକୁମାର ସରକାରୀ କାର୍ଯ୍ୟାଳୟମାନଙ୍କରେ ସ୍ୱଚ୍ଛତା ମିଶନକୁ ଠିକ୍ ଭାବରେ ପାଳନ କରାଯାଉନାହିଁ। ସରକାରୀ ଅଧିକାରୀ ମାନଙ୍କ ପାଇଁ ବାଥରୁମ, ୱାସରୁମ ସୁବିଧା ରହିଛି। କିନ୍ତୁ ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣଜନତାଙ୍କ କଥା କିଏ ପଚାରେ। ତେଣୁକରି ସେଇ କାନ୍ଥବାଡ, ବୁଦାମୂଳ ହିଁ ସେମାନଙ୍କ ଏକମାତ୍ର ଭରସା।

ଗୋଟିଏ କି ଦୁଇଟି ଅଫିସ ନୁହେଁ, ବଲାଙ୍ଗିର ଜିଲ୍ଲା ସଦର ମହକୁମାରେ ଥିବା ପ୍ରାୟ ସମସ୍ତ ସରକାରୀ କାର୍ଯ୍ୟାଳୟରେ ଜନସାଧରଣ ଶୌଚ କିମ୍ବା ପରିସ୍ରା କରିବା ପାଇଁ ଶୌଚାଳୟ ବ୍ୟବସ୍ଥା ନାହିଁ। ପ୍ରତିଦିନ ଲୋକେ ତାଙ୍କର ସମସ୍ୟା ନେଇ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟକୁ ଆସୁଛନ୍ତି। ଅଧିକାରୀଙ୍କୁ ଅପେକ୍ଷା କରି ରହୁଛନ୍ତି। କିନ୍ତୁ ଏହି ସମୟରେ ଯଦି ପରିସ୍ରା କିମ୍ବା ଶୌଚ ଲାଗେ। ହାଲୁକା ହେବା ପାଇଁ କୌଣସି ବ୍ୟବସ୍ଥା ନାହିଁ।



କାମ ନସରିବା ପର୍ଯ୍ୟନ୍ତ ସମ୍ଭାଳି ରଖିବେ। କିମ୍ବା କୌଣସି କାନ୍ଥବାଡ, ବୁଦାମୂଳରେ ହାଲୁକା ହେବେ। ଏଭଳି ଦୃଶ୍ୟ ନଜରକୁ ଆସିବା ପରେ ଆମେ ଜିଲ୍ଲାର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ଦେଖିଥିଲୁ। କିନ୍ତୁ ବ୍ୟବସ୍ଥାର ଅବସ୍ଥା କହିଲେ ନସରେ। ବଲାଙ୍ଗିର ଜିଲ୍ଲା ତହସିଲ କାର୍ଯ୍ୟାଳୟ, ପୌରପରିଷଦ କାର୍ଯ୍ୟାଳୟ, ଟାଉନ ଥାନା, ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ଯୋଗାଣ ବିଭାଗ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ କାର୍ଯ୍ୟାଳୟମାନଙ୍କରେ ମଧ୍ୟ ଶୌଚାଳୟ ବ୍ୟବସ୍ଥା ନାହିଁ। ଶୌଚାଳୟ ନିର୍ମାଣ କରାଯାଇଥିଲେ ହେଁ ତାକୁ ଖୋଲାଯାଇନାହିଁ କିମ୍ବା ଶୌଚାଳୟକୁ ସଫା କରାଯାଉନଥିବାରୁ ତାହା ବ୍ୟବହାର ଉପଯୁକ୍ତ ହୋଇରହିନାହିଁ। ଏହି କାର୍ଯ୍ୟାଳୟମାନଙ୍କୁ ପ୍ରତିଦିନ ଶହଶହ ଲୋକ ତାଙ୍କର ଅଭିଯୋଗ ଆପତ୍ତି ନେଇ ଆସୁଛନ୍ତି।

**ସରକାରୀ ଅଧିକାରୀଙ୍କ ପାଇଁ ଅଛି ସୁବିଧା, ଜନତାଙ୍କ ପାଇଁ ନାହିଁ**

କିନ୍ତୁ ଶୌଚାଳୟ ବ୍ୟବସ୍ଥା ନଥିବାରୁ ସେମାନଙ୍କୁ ହଇରାଣ ହେବାକୁ ପଡୁଛି। ବିଶେଷ କରି ମହିଳା ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଭାରତ ସରକାର ସ୍ୱଚ୍ଛ ଭାରତ ମିଶନ ଲାଗୁ କରିଥିଲେ ହେଁ ଓଡ଼ିଶାର ବଲାଙ୍ଗିର ଜିଲ୍ଲାରେ ଥିବା ସରକାରୀ କାର୍ଯ୍ୟାଳୟମାନଙ୍କରେ ଏହାକୁ ପାଳନ କରାଯାଉନାହିଁ। ତୁରନ୍ତ ଏହାର ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି।

# ଚାଷୀର ବିକଳ ମୁହୂର୍ତ୍ତ ଅପେକ୍ଷାରେ ସମସ୍ତେ

ଭବାନୀପାଟଣା,୧୩।୧୨(ସମିସ)



ଏଥର ଚାଷୀ ଧାନର ଉଚିତ ମୂଲ୍ୟ ପାଇବ। କଟନୀ ଛଟନୀ ହେବାକୁ ଦିଆଯିବନି। ଦଳୀୟ ନେତା ମଣ୍ଡି ଜଗିବେ। ମଣ୍ଡିକୁ ଦଲାଲ ମୁକ୍ତ କରାଯିବ। ରାଜ୍ୟ ସରକାର ଏମିତି ଅନେକ କଥା କହି ବାହାସ୍ଫୋଟ ମାରୁଥିଲେ। କଳାହାଣ୍ଡି ଜିଲ୍ଲାପାଳ ମଧ ଧାନ ସଂଗ୍ରହ ଯେପରି ନୀତି ନିୟମ ଓ ବ୍ୟବସ୍ଥିତ ଢଙ୍ଗରେ ହୋଇପାରିବ ସେ ନେଇ ବାରମ୍ବାର ବୈଠକ କରିଥିଲେ; କିନ୍ତୁ ଚାଷୀର ଅସହାୟତା ପୂର୍ବାପେକ୍ଷା ଅଧିକ ବୃଦ୍ଧି ପାଇଛି। ଏଫଏକ୍ୟୁ ଧାନର ମାନ୍ୟତା ପାଇଁ ମଣ୍ଡିରେ ଯେଉଁ ପ୍ରକ୍ରିୟା ଚାଲିଛି ତାହା ଚାଷୀର ଚିନ୍ତା ବଢ଼ାଇ ଦେଇଛି। କୁଇଣ୍ଟାଲ ପିଛା ୧୪ କେଜି କଟନୀ ଛଟନୀର ହିସାବକୁ ଚାଷୀ ହଜମ କରିପାରୁନି। ଏହାଫଳରେ ମଣ୍ଡିକୁ ଧାନ ଆଣିବାକୁ ଉଚିତ ମନେ କରୁନାହାଁନ୍ତି। ଗତବର୍ଷ ଏହି ସମୟରେ ଯେତିକି ଧାନ ମଣ୍ଡିରୁ ଉଠିଥିଲା ଚଳିତ ବର୍ଷ ଅଧା ଉଠିଛି। ସରକାରଙ୍କ ଟ୍ୟୁସନ ବୃଥା ହେଉଥିବା ମଣ୍ଡିଗୁଡିକର ସ୍ଥିତିରୁ ସହଜରେ ଅନୁମେୟ ହେଉଛି।

**● ଗତବର୍ଷ ତୁଳନାରେ ଅଧା ଧାନ ଉଠିନି**
**● କାମ ଦେଉନି ସରକାରଙ୍କ ଟ୍ୟୁସନ**

ଗତବର୍ଷ ୭୮ ହଜାରରୁ ଅଧିକ କୁଇଣ୍ଟାଲ ଧାନ କିଣା ଯାଇଥିବାବେଳେ ଏବେ ମାତ୍ର ୪୨ହଜାର ୩୫୧ ଶହ ୬୨କୁଇଣ୍ଟାଲ ଧାନ କିଣାଯାଇଛି। ଜିଲ୍ଲାରେ ୨୨୩ଟି ମଣ୍ଡି ମଧ୍ୟରୁ ଏଯାବତ ୫୩ଟି ଖୋଲାଯାଇଛି; କିନ୍ତୁ ଚାଷୀ ମଣ୍ଡିକୁ ଧାନ ଆଣିବାକୁ ଅନିଚ୍ଛା ପ୍ରକାଶ କରୁଥିବା ଲକ୍ଷ୍ୟ କରାଯାଇଛି। ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସ, ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ନର୍ଲା, ଲାଞ୍ଜିଗଡ ଓ ଜୁନାଗଡ ବିଧାୟକଙ୍କ ପ୍ରତିନିଧିଙ୍କ ସହ କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଯୋଗ ଦେଇଥିଲେ। ଏତଦବ୍ୟତୀତ ସମସ୍ତ ବିଭାଗର ଅଧିକାରୀ, ଚାଷୀ ପ୍ରତିନିଧି ଏବଂ ମିଲର ପ୍ରତିନିଧି ମଧ ଉପସ୍ଥିତ ଥିଲେ। ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର ସାହୁ ମଧ ଉପସ୍ଥିତ ଥିଲେ ଚଳିତ ୨୦୨୪-୨୫ ବର୍ଷ ଖରିଫ ଫସଲ ପାଇଁ ଜିଲ୍ଲାରେ ୧୧୪୭୫୮ ଜଣ ଚାଷୀ ନାମ ପଞ୍ଜୀକୃତ କରିଥିବା ବୈଠକରେ ପ୍ରକାଶ ପାଇଥିଲା। ଚଳିତ ବର୍ଷ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ମଣ୍ଡି-ନୋଡାଲ ଅଫିସର, ମଣ୍ଡି-ତଦାରଖ ଅଫିସର ନିଯୁକ୍ତି ସମ୍ପର୍କରେ ଜିଲ୍ଲାପାଳ ସମସ୍ତ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଏହି ଋତୁରେ ଡିଜିଟାଲ ଧାନ ବିଶ୍ଳେଷକ ବ୍ୟବହାର ନିମନ୍ତେ ୧୩୫ ଜଣ ତାଲିମ ପ୍ରାପ୍ତ କର୍ମଚାରୀଙ୍କୁ ନିଯୁକ୍ତ କରାଯିବା ସମ୍ପର୍କରେ ଜିଲ୍ଲାପାଳ ସୂଚନା ଦେଇଥିଲେ।

ଚଳିତ ଖରିଫ ଋତୁରେ ଧାନର ବିକ୍ରୟ ମୂଲ୍ୟ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା ସରକାର ଧାର୍ଯ୍ୟ ହୋଇଥିବାରୁ ସମସ୍ତଙ୍କ ସହଯୋଗରେ ଧାନ କିଣା ପ୍ରକ୍ରିୟାକୁ ସୁଚାରୁ ରୂପେ ପରିଚାଳନା ନିମନ୍ତେ ଗୁରୁତ୍ୱ ଦିଆଯାଇଥିଲା। ଧାନ ସଂଗ୍ରହ ପ୍ରକ୍ରିୟା ନଭେମ୍ବର ୨୯ରୁ ଆରମ୍ଭ ହୋଇ ପର୍ଯ୍ୟାୟ କ୍ରମେ ଡିସେମ୍ବର ୪ ସୁଦ୍ଧା ଜିଲ୍ଲାର ସମସ୍ତ ବ୍ଲକରେ ମଣ୍ଡି ଖୋଲିବା ପାଇଁ ବୈଠକରେ କୁହାଯାଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଚାଷୀ ଯେପରି ନିଜର ଧାନ ବିକ୍ରି କରି ଠିକ୍ ସମୟରେ ଉପଯୁକ୍ତ ମୂଲ୍ୟ ପାଇପାରିବେ ସେଦିଗରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଯତ୍ନବାନ ହୋଇ କାର୍ଯ୍ୟ ତୁଲାଇବା ପାଇଁ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ନିର୍ଦ୍ଦେଶ ଦେଇଥିଲେ। ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ସୁଚାରୁରୂପେ ତୁଲାଇବାରେ ସମସ୍ତଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଯିବା ସତ୍ତ୍ୱେ ଫଳ ଶୂନ। ଚଳିତ ବର୍ଷ ୮୮୧ଜଣ ଚାଷୀ ଧାନ ବିକ୍ରି କରିଥିବାବେଳେ ୩୬୯ଜଣ ଚାଷୀ ଧାନର ପ୍ରାପ୍ୟ ପାଇଛନ୍ତି। ସେହିପରି ୮୩ଜଣ ମିଲର୍ସଙ୍କ ମଧ୍ୟରୁ ୫୫ଜଣ ମିଲର୍ସ ଧାନ ଉଠାଇଛନ୍ତି ବୋଲି ସୂଚନା ମିଳିଛି। ଗତ ୮ତାରିଖରେ ୭ଜଣ ଚାଷୀଙ୍କୁ ଇନପୁଟ ସହାୟତା ରାଶି ପ୍ରଦାନ ନାଁରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସଭାର ଆୟୋଜନ ହୋଇଥିଲା। କୁଇଣ୍ଟାଲ ପିଛା ଧାନର ଏମଏସପି ମୂଲ୍ୟ ୨୩ଶହ ଟଙ୍କା ସହିତ ଇନପୁଟ ସହାୟତା ରାଶି ୮ଶହ ଟଙ୍କା ମିଶି ୩୧ଶହ ଟଙ୍କା ୭ଜଣ ଚାଷୀଙ୍କୁ ଦିଆଯାଇଥିଲା। ତେବେ ସୁଖା ଧାନ ସଫା ଧାନ ତଥା ଧାନର ମାନ ନିର୍ଦ୍ଧାରଣ ବ୍ୟବସ୍ଥାରେ ଚାଷୀ ଅସନ୍ତୁଷ୍ଟ। ମଣ୍ଡିରେ ଭିତ୍ତିଭୂମି ଉଚିତ ଭାବେ ସଜଡ଼ା ଯାଇଛି। ଧାନର ଚୋରା ଚାଲାଣ ରୋକିବା ଲାଗି ସିସି କ୍ୟାମେରା ଲଗାଯାଇଛି। ଏ ସବୁ ସତ୍ତ୍ୱେ ଚାଷୀର ଦୁଃଖ ଘୁଞ୍ଚି ପାରୁନାହିଁ। ଅଡୁଆରେ ପଡିଛି ଚାଷୀ। ମଣ୍ଡିକୁ ଗଲେ କଟନୀ ଛଟନୀର ଭୟ ରହୁଛି। ଉଚିତ ପ୍ରାପ୍ୟ ମିଳିବା କଷ୍ଟକର ହୋଇ ପଡୁଛି। ଧାନ ମହଜୁଦ ରଖିଲେ ବି ଆହୁରି ଅଧିକ ବିପଦ ରହିଛି। ଟୋକନ ଅନୁସାରେ ଧାନ କିଣା ବିକା ହେବାବେଳକୁ ଧାନ ସୁରକ୍ଷିତ ରହିବା କାଠିକର ବିଷୟ ବୋଲି ଚାଷୀ କହିଛନ୍ତି।

ଏପରି ସ୍ଥିତି ହୋଇଛି ଯେ, ଚାଷୀ ଯେମିତି ଶେଷରେ ଦଲାଲ ହାତରେ ଧାନ ଟେକିଦେବା ନିଶ୍ଚିତ ହୋଇଛି। ଚାଷୀର ଦୁଃସ୍ଥିତି ସମୟକୁ ଅସାଧୁ ବ୍ୟକ୍ତିମାନେ ଅପେକ୍ଷା କରି ସୁଯୋଗ ହାତଛଡା କରିନାହାନ୍ତି। ଏହାଫଳରେ କମ୍ ମୂଲ୍ୟରେ ଧାନ ମଣ୍ଡିକୁ ଆସିବା ପୂର୍ବରୁ ଉଠାଇ ନେଉଥିବା ଏକ ପ୍ରକାର ଆରମ୍ଭ ହୋଇଯାଇଛି। ସରକାର ତଥା ଜିଲ୍ଲା ପ୍ରଶାସନ ଏ କ୍ଷେତ୍ରରେ ଅଧିକ ତତ୍ପରତା ପ୍ରକାଶ କରୁ ନାହାନ୍ତି।

**● କାମରେ ଆସୁନି ପିଣ୍ଡି**

# ଖୋଲା ଆକାଶ ତଳେ ଚାଲିଛି ମଣ୍ଡି



**ସିନାପାଲି,୧୩।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡାରେ ଆରଏମ୍‌ସି ଖରିଆରରୋଡ୍ ଦ୍ୱାରା ପିଣ୍ଡି ନିର୍ମାଣ ହୋଇଛି। ହେଲେ କୌଣସି କାମରେ ଏହି ପିଣ୍ଡି ଲାଗୁ ନ ଥିବା ବେଳେ ଖୋଲା ଆକାଶ ତଳେ ମଣ୍ଡି ଚାଲିଥିବା ଦେଖିବାକୁ ମିଳିଛି। ଚାଷୀମାନେ ଶୀତକାକରରେ ରହିବାସହ ଧାନ ବସ୍ତାଗୁଡ଼ିକ ଖୋଲାପଡ଼ିଆରେ ରହିଛି। ଅଦିନିଆ ବର୍ଷା ହେଲେ ପଲିଥିନ ଢାଙ୍କି ଧାନବସ୍ତାକୁ ସୁରକ୍ଷିତ ରଖିବାକୁ ହେଉଛି ବୋଲି ଚାଷୀମାନେ ମତପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, କେନ୍ଦୁମୁଣ୍ଡାରେ ସେବା ସମବାୟ ସମିତି ରହିଛି। ଏହି ଅଞ୍ଚଳର ଚାଷୀମାନେ ସମିତି ଜରିଆରେ ମଣ୍ଡିରେ ଧାନ ବିକ୍ରୀ କରିଥାନ୍ତି। ସିନାପାଲି ବ୍ଲକର କେନ୍ଦୁମୁଣ୍ଡା ପଞ୍ଚାୟତ ସହିତ କରଣବାହାଲି, ଘୁଚାଗୁଡା, କଇଁଟପଦର, ନୂଆମାଳପଡ଼ା, ନଙ୍ଗଲବୋର୍ଡ ଅଞ୍ଚଳର ଚାଷୀମାନେ ଏଠାରେ ଧାନ ବିକ୍ରି କରିଥାନ୍ତି। ଚାଷୀମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ ସରକାରଙ୍କ ତରଫରୁ ୧୩ ଲକ୍ଷ ୭୭ ହଜାର ଅଟକଳ ମୂଲ୍ୟରେ ଏହି ପିଣ୍ଡି ନିର୍ମାଣ ହୋଇଛି। ହେଲେ ଏଠାରେ ମଣ୍ଡି ନ ଚଳାଇ ଏକ ବ୍ୟକ୍ତିଙ୍କ ପଡ଼ିଆ ବା ଜମିରେ ଚାଲିଛି। ଯାହା ଫଳରେ ଚାଷୀମାନେ ଖରା, ବର୍ଷା ଓ ଶୀତକାକରରେ ରହିବା ପାଇଁ ବାଧ ହେଉଛନ୍ତି। ନିର୍ମିତ ହୋଇଥିବା ପିଣ୍ଡି କାମରେ ଲାଗୁ ନ ଥିବା ବେଳେ ଅସାମାଜିକ ବ୍ୟକ୍ତିଙ୍କ ଆ‡ସ୍ଥଳୀ ପାଲଟିଛି। ଏପରିକି ରକ୍ଷଣାବେକ୍ଷଣ ଅଭାବରୁ ପିଣ୍ଡିର କିଛି ଅଂଶ ଭାଙ୍ଗିବା ଆରମ୍ଭ ହେଲାଣି ବୋଲି ଜନସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଚାଷୀଙ୍କ ସ୍ୱାର୍ଥ ପାଇଁ ନିର୍ମିତ ହୋଇଥିବା ପିଣ୍ଡିରେ ମଣ୍ଡି ନ ଖୋଲି ଏକ ବେସରକାରୀ ଖୋଲା ଜମି ବା ପଡ଼ିଆରେ ମଣ୍ଡି ଖୋଲିବାର ଉଦ୍ଦେଶ୍ୟ କଣ ହୋଇପାରେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏପଟେ ସରକାର ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟାର ସମୀକ୍ଷା କରି ଚାଷୀମାନଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା, ଚାଷୀଙ୍କ ପାଇଁ ଖାଦ୍ୟ, ପାଣି ଓ ପରିମଳର ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିବା ବେଳେ ଦଲାଲମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବାକୁ ନିର୍ଦ୍ଦେଶ ରହିଛି। ହେଲେ ସିନାପାଲି ଅଞ୍ଚଳରେ ଥିବା ମଣ୍ଡିଗୁଡ଼ିକରେ ବାସ୍ତବ ଚିତ୍ର ଓଲଟା ଦେଖିବାକୁ ମିଳିଛି। ଏସମ୍ପର୍କରେ ନୂଆପଡ଼ା ଜିଲ୍ଲା ଖରିଆରରୋଡ୍ ନିୟନ୍ତ୍ରିତ ବଜାର କମିଟି (ଆରଏମସି) ସମ୍ପାଦକ ଆର୍ଯ୍ୟକୁମାର ମୁଦୁଲିଙ୍କୁ ପଚାରିବାରୁ ବ୍ଲକ ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହିତ ପଚାରି ବୁଝୁଛି ଏବଂ ତଦନ୍ତ ପରେ ଜଣାପଡ଼ିବ ବୋଲି କହିଥିଲେ। କେନ୍ଦୁମୁଣ୍ଡା ସେବା ସମବାୟ ସମିତି ସମ୍ପାଦକଙ୍କ ପାଖରୁ ପଚାରି ବୁଝିବା ପାଇଁ କହିଥିଲେ।



# ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ



**ଭବାନୀପାଟଣା,୧୩।୧୨(ସମିସ):** ସ୍ଥାନୀୟ ବାଲାଜୀ ମନ୍ଦିରରେ କଳାହାଣ୍ଡି ବ୍ରାହ୍ମଣ ସମାଜ ପକ୍ଷରୁ ଗୀତା ଜୟନ୍ତୀ ସମାରୋହ ଓ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ଗୀତା ଯଜ୍ଞରେ ନିରଞ୍ଜନ ଦାଶ, ଶରତ ମିଶ୍ର, ସନ୍ତୋଷ ରଥ ଓ ଆଶିଷ ପଣ୍ଡା ଆଚାର୍ଯ୍ୟ ଦାୟିତ୍ୱ ସମ୍ପାଦନ କରିଥିଲେ। ମଳୟ ମୁଣ୍ଡ ଓ ତାଙ୍କ ପତ୍ନୀ ସଂଯୁକ୍ତା ବାବୁ ଯଜ୍ଞର କର୍ତ୍ତା ଥିଲେ। ବ୍ରାହ୍ମଣ ସମାଜ କଳାହାଣ୍ଡିର ଜିଲ୍ଲା ସଭାପତି ଜଗନ୍ନାଥ ମୁଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜିଲ୍ଲା ସଂଗଠନ ସମ୍ପାଦକ ଭବେନ୍ଦ୍ର ପଣ୍ଡା, ଜିଲ୍ଲା ସମ୍ପାଦକ ଉମେଶ ଚନ୍ଦ୍ର ପଣ୍ଡା, ହେମନ୍ତ ପଣ୍ଡା, ନଗର ସଭାପତି ସୁରେନ୍ଦ୍ର ପ୍ରସାଦ ନେଗୀ, ନର୍ଲା ବ୍ଲକ୍ ବ୍ରାହ୍ମଣ ସମାଜ ସଭାପତି ବଦ୍ରୀ ନାରାୟଣ ମିଶ୍ର, କେସିଙ୍ଗା ବ୍ଲକ ବ୍ରାହ୍ମଣ ସମାଜ ସଭାପତି ପ୍ରଦୀପ୍ତ ରଥ ଓ ପର୍ଶୁରାମ ସେନାର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ଠାକୁର ଅତିଥି ଭାବେ ମଞ୍ଚାସୀନ ଥିଲେ। ଜାତୀୟ ଶିକ୍ଷକ ପୁରସ୍କାର ବିଜେତା ବିଜ୍ଞାନ ଶିକ୍ଷକ ସନ୍ତୋଷ କର ଓ ଆନ୍ତର୍ଜାତୀୟ ପାରା ବ୍ୟାଡମିଣ୍ଟନ ଚାମ୍ପିଅନସିପ କ୍ରୀଡାରେ ଅଂଶ ଗ୍ରହଣ କରିଥିବା ଆକାଶ ରଞ୍ଜନ ମୁଣ୍ଡଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗୀତା ଜୟନ୍ତୀ ଉପଲକ୍ଷେ ଆୟୋଜିତ ବରିଷ୍ଠ ଓ କନିଷ୍ଠ ବର୍ଗର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲା ସାଧାରଣ ସମ୍ପାଦକ ସତ୍ୟ ନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିବା ସହ ବ୍ରାହ୍ମଣ ସମାଜର ବାର୍ଷିକ ବିବରଣୀ ପଠନ କରିଥିଲେ। ପ୍ରଜ୍ଞା ବାହିନୀର ଜିଲ୍ଲା ସଂଯୋଜିକା ସ୍ନେହଲତା ଷଡ଼ଙ୍ଗୀ ବେଦ ମନ୍ତ୍ର ପାଠ କରିଥିଲେ। ଜିଲ୍ଲା ଉପ ସଭାପତି ଗଜେନ୍ଦ୍ର ପ୍ରସାଦ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷଦେବ ମିଶ୍ର, ଆଦିତ୍ୟ ମିଶ୍ର, ପ୍ରଭାସ ମିଶ୍ର, ଦେବୀ ପ୍ରସାଦ ଦାଶ, ଶାନ୍ତନୁ ମୁଣ୍ଡ, ଚକ୍ରଧର ଦାଶ, ସନ୍ତୋଷ ଦାଶ, କୃଷ୍ଣ ମୋହନ ଯୋଷୀ, ପ୍ରମୋଦ ଖମାରୀ, ନିହାର ରଞ୍ଜନ ମିଶ୍ର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ। ସେହିପରି ଭବାନୀପାଟଣା ଶକ୍ତିନଗରପଡାସ୍ଥିତ ମଙ୍ଗଳା ମନ୍ଦିରରେ ମଧ ଗୀତା ଜୟନ୍ତୀ ପାଳିତ ହୋଇଥିଲା।

# ଶିକ୍ଷା ଚେତନା କାର୍ଯ୍ୟକ୍ରମ

**ଭବାନୀପାଟଣା,୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗ୍ଲୋବାଲ ଲାଇଫରେଟର ଫାଉଣ୍ଡେସନ ଓ ପ୍ରଫେସର ଭୁବନେଶ୍ୱର ବେହେରା ମେମୋରିଆଲ ୟୁଥ ଅର୍ଗାନାଇଜେସନର ମିଳିତ ଆନୁକୂଲ୍ୟରେ ୧୧୫ତମ ଶିକ୍ଷା ଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ବୀଣାପାଣି ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ସଂଚାର ବ୍ୟୁରୋ, ଭବାନୀପାଟଣାର କ୍ଷେତ୍ର ପ୍ରଚାର ଅଧିକାରୀ ଖଗେଶ ବାଇପାଇ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନବକିଶୋର ପାଢ଼ୀ, ଶିକ୍ଷାବିତ ବସନ୍ତ ନାଏକ, ଯୁବ ଲେଖକ ଡିଲେଶ୍ୱର ରଣା, କବି ତ୍ରିନାଥଶ୍ୟାମ କୁମାର, ଫାଉଣ୍ଡେସନ ସଂପାଦକ ରଜତ ବଂଶଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ରୀମାନଙ୍କ ଭିତରେ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା, ସାହିତ୍ୟ, ମହାପୁରୁଷଙ୍କ ଜୀବନୀ, ଇତିହାସ ଓ ନଗର ବିଜ୍ଞାନ, ଗଣିତ, ବିଜ୍ଞାନ, ଜଣା ଅଜଣା, ତିଥି ଓ ପର୍ବପର୍ବାଣୀ ସମ୍ବନ୍ଧୀୟ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ଆୟୋଜନ କରାଯାଇ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସଂଗଠନ ସଂପାଦକ ଅବିନାଶ ମୁଣ୍ଡ ପ୍ରଶ୍ନମଞ୍ଚ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶିକ୍ଷକ ଅଜିତ ସତନାମୀ ବିଚାରକ ଏବଂ ଶିକ୍ଷୟିତ୍ରୀ ରଞ୍ଜିତାବାଳା ରଥ ଓ ଲୋପାମୁଦ୍ରା ମହାନ୍ତି ଗଣକ ଭୂମିକା ଗ୍ରହଣ କରିଥିଲେ। ଏହି ଅବସରରେ ଶିକ୍ଷକ ବିଭୂତି ଭୂଷଣ ନାଏକ, ଶିକ୍ଷୟିତ୍ରୀ ଶଙ୍କରା ଭୋଇ, ମଞ୍ଜୁମାଳା ଜଗତ, ପ୍ରତିମାମୟୀ ପଣ୍ଡା, ଜନମତି ନାଏକ, ସ୍ୱର୍ଣ୍ଣପ୍ରଭା ସାହୁ ପ୍ରମୁଖ ସହଯୋଗ କରିଥିଲେ।



# ଛାତ୍ର ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନ



**ଭବାନୀପାଟଣା,୧୩।୧୨(ସମିସ):** ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଛାତ୍ର ଜନତା ଦଳ ବିଭିନ୍ନ ଜିଲ୍ଲାର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ସେହି କ୍ରମେ କଳାହାଣ୍ଡି ଜିଲ୍ଲା ଛାତ୍ର ବିଜେଡି ପକ୍ଷରୁ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏବଂ କେସିଙ୍ଗା ମହାବିଦ୍ୟାଳୟରେ ସଭ୍ୟ ସଂଗ୍ରହ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଓ କଲେଜ ଛାତ୍ରଛାତ୍ରୀ ସାମିଲ ହେବା ସହ ବିଜେଡି ସଦସ୍ୟତା ନେଇଥିଲେ। ରାଜ୍ୟ କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଛାତ୍ର ବିଜେଡି ରାଜ୍ୟ ଉପ ସଭାପତି ପ୍ରଦୋଷ ପରିଡ଼ା, ରାଜ୍ୟ ସମ୍ପାଦକ ଅଭିଷେକ ଜଗତ, ଜିଲ୍ଲା ଛାତ୍ର ବିଜେଡି ସଭାପତି ଅଜିତ ସାହୁ, ଛାତ୍ର ବିଜେଡି ଉପସଭାପତି ନିଳାମ୍ବର ସାହୁ, ଛାତ୍ରନେତା ଘାସିରାମ ସାହୁ, ରୋମାଞ୍ଚଳ ମେହେର, କେ ପ୍ରବୀଣ କୁମାର, ଲାଲ ବାହାଦୁର ନାଏକ, ନେହେରୁ ମାଝୀ, ଭୋଲାନାଥ ନାଗ ପ୍ରମୁଖ ଯୋଗ ଦେଇଥିଲେ।

## ମାଣବସା ପୂଜା ଉତ୍ସବ ଉଦ୍‌ଯାପିତ

**ଭବାନୀପାଟଣା,୧୩।୧୨(ସମିସ):** ଭବାନୀପାଟଣା ଲକ୍ଷ୍ମୀ ବଜାର ମହାଲକ୍ଷ୍ମୀ ମନ୍ଦିରପ୍ରାଙ୍ଗଣରେ ମାସ ବ୍ୟାପୀ ମାର୍ଗଶିର ମାଣବସା ପୂଜା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଗୁରୁ ପ୍ରଭାସ ଚନ୍ଦ୍ର ମିଶ୍ର, ଶିକ୍ଷାବିତ ଦିଲ୍ଲୀପ ଚୌଧୁରୀ ଏବଂ ସାହିତ୍ୟିକ ବିରଞ୍ଚି ନାରାୟଣ ମୁଣ୍ଡ ଉପସ୍ଥିତ ଥିଲେ। ଏହି ଅବସରରେ କବିତା, ସଙ୍ଗୀତ, ଭଜନ ତଥା ନୃତ୍ୟକୁ ନେଇ ଶ୍ରୀ ଧ୍ୱନୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଭବାନୀପାଟଣା ପୌର ପରିଷଦ ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ସଭାପତି ଶାନ୍ତନୁ ବେହେରା ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ସୋନୁଲାଲ ଅଗ୍ରୱାଲ, ସନ୍ତୋଷ ସାହୁ ଏବଂ ଦିନେଶ ଅଗ୍ରୱାଲଙ୍କୁ ସମ୍ମାନିତ କରାଯାଇଥିଲା। କବି ପ୍ରତାପ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରିଥିଲେ। କର୍ତ୍ତା ଶୀବେନ୍ଦ୍ର ଅଗ୍ରୱାଲ ସପତ୍ନୀକ କଳସ ବିସର୍ଜନ କରିଥିଲେ। କୈଳାସ ଚନ୍ଦ୍ର ସାହୁ, ସରୋଜ ଦାସ, ନରେଶ ଅଗ୍ରୱାଲ, ମନୋଜ ଦାସ, ଯୋଗେଶ ଅଗ୍ରୱାଲ, ତିରୁପତି ସାହୁ, ସନ୍ତୋଷ ସାହୁ, କ୍ଷୀତିସ ଚନ୍ଦ୍ର ସାହୁ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ କନିଷ୍ଠ ରେଡ୍‌କ୍ରସ ଶିକ୍ଷା ଓ ତାଲିମ ଶିବିର



**ନୂଆପଡ଼ା,୧୩।୧୨(ସମିସ):** ଲୋହୋରାପାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ରଙ୍କ ଅଧ୍ୟକ୍ଷତାରେ ତିନି ଦିନ ଧରି ଚାଲିଥିବା ନୂଆପଡ଼ା ଜିଲ୍ଲାସ୍ତରୀୟ କନିଷ୍ଠ ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଚରଣ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବରେ ହୋମିଓପ୍ୟାଥି ଡା. ସିଦ୍ଧାର୍ଥ ଶଙ୍କର ମହାପାତ୍ର, ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସତ୍ୟପ୍ରିୟ ପଣ୍ଡା, ମହଗାଁ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ରନାଥ ଯୋଷୀ, ସାମ୍ବାଦିକ କୁନୁ କରୁଆଁ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ମହେଶ କୁମାର ଦଣ୍ଡସେନା, ଶିକ୍ଷକ ଜିତେନ୍ଦ୍ର ଦଣ୍ଡସେନା, କନିଷ୍ଠ ରେଡକ୍ରସ ଅଧିକାରୀ ଜୟଦେବ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଗୌରାଙ୍ଗ କୁମାର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ରତନ ସିଂ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତ ବର୍ଷର ଶ୍ରେଷ୍ଠ କାଉନସେଲର୍ ଭାବରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଛତାର କ୍ରୀଡ଼ା ଶିକ୍ଷୟିତ୍ରୀ ସଂଯୁକ୍ତା ସୂପକାର ଓ ଦ୍ୱାରଶନୀ ଉଚ୍ଚ ବିଦ୍ୟାଳୟ କେରାପଦରର ଶିକ୍ଷକ ଗୌତମ ବାଗଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସେହିପରି ରାଜା ଆର୍ତ୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଦିଶାମୟୀ ବାରିକ ଓ କୁରେଶ୍ୱର ଉଚ୍ଚ ବିଦ୍ୟାଳୟର ଛାତ୍ର ସୁବଳ ରଣାଙ୍କୁ ଶ୍ରେଷ୍ଠ ଜୁନିୟର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଜୁନିୟରଙ୍କ ମଧ୍ୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କ ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଅତିଥି ଶିକ୍ଷକ ବିଜୟକୁମାର ନାଗ, ପ୍ରଶାନ୍ତ କୁମାର ପ୍ରଧାନୀ ଓ ଧନଞ୍ଜୟ ଦଣ୍ଡସେନା ପରିଚାଳନା କରିଥିଲେ। ସାଂସ୍କୃତିକ ସନ୍ଧ୍ୟା ସମାରୋହରେ ସମ୍ମାନିତ ଅତିଥି ଭାବରେ ନାଟ୍ୟକାର ଜିତେନ୍ଦ୍ର ନାଥ ପଟ୍ଟନାୟକ, ସମାଜସେବୀ ଅମରେଶ ପଟ୍ଟନାୟକ, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ କେଶ ଦଣ୍ଡସେନା ଓ ଗୋଲକ ବିହାରୀ ପଣ୍ଡା ଯୋଗଦେଇଥିଲେ। ସମସ୍ତ ଜୁନିୟର୍ ଶାନ୍ତି ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ।

# କେବେ ହେବ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା

## ନିର୍ବାଚନୀ ସଭାରେ ପ୍ରତିଶ୍ରୁତି ଦେଇଥିଲେ ଗୃହମନ୍ତ୍ରୀ

ସୋନପୁର,୧୩।୧୨(ସମିସ)

କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସୋନପୁରରେ ନିର୍ବାଚନୀ ସଭା କରି ଓଡ଼ିଶାରେ ବିଜେପି ସରକାର ଆସିଲେ ସୁବର୍ଣ୍ଣପୁରରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଲୋକଙ୍କ ମନରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ଆଶା ସଂଚାର ହୋଇଥିଲା। ଦେଶରେ ଏବେ ଡବଲ୍ ଇଞ୍ଜିନ ସରକାର ଚାଲିଥିବାରୁ ସରକାର ପ୍ରତିଶ୍ରୁତି ରଖିବେ ତ ବୋଲି ସାଧାରଣରେ ପ୍ରଶ୍ନ ସୃଷ୍ଟି ହୋଇଛି। ଏନେଇ କୌଣସି ନୀତିଗତ ନିଷ୍ପତ୍ତି ଏଯାଏଁ ସରକାର ନେଇ ପାରିନାହାନ୍ତି। ସୂଚନାଯୋଗ୍ୟ ଜିଲ୍ଲାରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲୋକସଭାରେ ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ମଧ ଦାବି ଉପସ୍ଥାପନ କରିଥିଲେ। ଜିଲ୍ଲାରେ ମହାନଦୀ, ତେଲନଦୀ ଓ ଅଙ୍ଗନଦୀ ପ୍ରବାହିତ ହେବା ସହ ଶତାଧିକ ପୋଖରୀ ଓ ନାଳ ରହିଛି। ଏଠାରେ ବିଭିନ୍ନ ପ୍ରଜାତିର ମାଛ ମିଳିଥାଏ। ମତ୍ସ୍ୟ ଉତ୍ପାଦନ ସହ ସୁବର୍ଣ୍ଣପୁରରେ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି। ସୁବର୍ଣ୍ଣପୁର ସହରରେ ୭୫ ଏକର ପରିମିତ ଅଞ୍ଚଳରେ ମତ୍ସ୍ୟ ବିଭାଗର ସରକାରୀ ଫାର୍ମ ଥିବା ବେଳେ ବିନିକାରେ ୫୫ ଏକର ପରିମିତ ଅଞ୍ଚଳରେ ଓଡ଼ିଶା ମତ୍ସ୍ୟ ଉନ୍ନୟନ ନିଗମର ଫାର୍ମ ରହିଛି। ଜିଲ୍ଲାରେ କେଉଟ, ଧିବର, ଝରା ଆଦି ହଜାର ହଜାର ମତ୍ସ୍ୟଜୀବୀ ପରିବାର ଅଛନ୍ତି। ସେମାନେ ପାରମ୍ପରିକ ପଦ୍ଧତିରେ ମାଛ ମାରି ନିଜର ପରିବାର ପ୍ରତିପୋଷଣ କରୁଛନ୍ତି। ତେଣୁ ଜିଲ୍ଲାରେ ଏକ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ହେଲେ ସ୍ଥାନୀୟ ଜନସାଧାରଣ ଉପକୃତ ହେବେ ବୋଲି ମତପ୍ରକାଶ ପାଇଛି। ଗତ ଜୁନ୍ ମାସରେ ଅନୁଷ୍ଠିତ ଜିଲ୍ଲା ପରିଷଦ ବୈଠକରେ ଏନେଇ ସର୍ବସମ୍ମତ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଡିପିଆର ପ୍ରସ୍ତୁତ ହୋଇଥିଲା। ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ସମ୍ପର୍କିତ ଅନୁରୋଧପତ୍ର ଜୁଲାଇ ୨୧ରେ ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ବିଭାଗର ପ୍ରମୁଖ ସଚିବଙ୍କୁ ଲେଖାଯାଇଥିଲା। ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ବିଭାଗର ପ୍ରମୁଖ ସଚିବ ଭିତ୍ତିଭୂମି ସମୀକ୍ଷା ସହିତ ଆନୁସଙ୍ଗିକ ଖର୍ଚ୍ଚ, ଜମି ଆଦିର ରିପୋର୍ଟ ମାଗିବା ସହ କମିଟି ଗଠନ କରିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରରେ କମିଟି ଗଠନ ହୋଇଥିଲା। ପରେ ଜିଲ୍ଲାପାଳ ଏଥିପାଇଁ ଏକ ସବ୍ କମିଟି ମଧ ଗଠନ କରିଥିଲେ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି) ଅଧୀନରେ ଥିବା ସମ୍ବଲପୁର ଜିଲ୍ଲା ଚିପିଲିମାସ୍ଥିତ କୃଷି ମହାବିଦ୍ୟାଳୟର ଅଧ୍ୟକ୍ଷ ମତ୍ସ୍ୟ ମହାବିଦ୍ୟାଳୟ ସକାଶେ ଡିପିଆର ପ୍ରସ୍ତୁତ କରିଥିଲେ। ଭୁବନେଶ୍ୱରରୁ ଏକ ଟିମ୍ ପଠାଇ ସ୍ଥାନ ନିରୂପଣ କରି ନିଷ୍ପତ୍ତି ନେବା ପାଇଁ ଜିଲ୍ଲା ପ୍ରଶାସନ ଚିଠି ଲେଖିଥିଲା। ମତ୍ସ୍ୟ ମହାବିଦ୍ୟାଳୟ ପାଇଁ ୫୦ରୁ ୬୦ଏକର ଜମି ଆବଶ୍ୟକ। ଏହି କ୍ୟାମ୍ପସ୍‌ରେ ଛୋଟରୁ ବଡ଼ ପୋଖରୀ, ଖେଳପଡ଼ିଆ, ଆଡମିନିଷ୍ଟ୍ରେଟିଭ୍ ବ୍ଲକ୍, ହଷ୍ଟେଲ ଆଦି ନିର୍ମାଣ କରାଯିବାର ପ୍ରସ୍ତାବ ଥିଲା। ଅସ୍ଥାୟୀ କ୍ୟାମ୍ପସ ପାଇଁ ମହିଳା ମହାବିଦ୍ୟାଳୟ ପୁରୁଣା କ୍ୟାମ୍ପସକୁ ଜିଲ୍ଲା ପ୍ରଶାସନ ବାଛିଥିଲା। ଏହା ସତ୍ତ୍ୱେ ମଧ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ନିଷ୍ପତ୍ତି ଧିମେଇ ଗଲା। ଏବେ ସାଧାରଣ ଲୋକଙ୍କ ମନରେ ପ୍ରଶ୍ନ କେନ୍ଦ୍ର ନା ରାଜ୍ୟ ସରକାର କିଏ ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା କରିବେ। ଜିଲ୍ଲାରେ ଶୀଘ୍ର ମତ୍ସ୍ୟ ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଦାବି ହେଉଛି।

# ଖଟଖଟିଆରେ ବର୍ଷେହେଲା ମିଳୁନି ପିଇବା ପାଣି

**ଶଗଡ଼ା, ୧୩।୧୨(ସମିସ)**

- ଅଭିଯୋଗ କଲେ ଶୁଣୁ ନାହାନ୍ତି ଅଧିକାରୀ
- ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ପାନୀୟ ଜଳ ଯୋଗାଣ ଅବ୍ୟବସ୍ଥା ନେଇ ଖଟଖଟିଆ ଗ୍ରାମବାସୀ କଣ୍ଟାମାଳସ୍ଥିତ ଜଳ ଓ ପରିମଳ ବିଭାଗୀୟ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ପ୍ରତ୍ୟେକ ଘରକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଇ ଦେବାକୁ ସକରାର ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତାର ଅଭାବ ସହ ଅବହେଳା ଯୋଗୁଁ ଲୋକେ ପାଣି ଭଳି ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ସରକାର ବସୁଧା ଯୋଜନାରେ ପ୍ରାୟ ୫ ଶହ କୋଟି ଟଙ୍କା ବ୍ୟୟରେ ଶିମିଳି ପଦର ପଞ୍ଚାୟତ ଲୋକାପଡ଼ାରେ ଏକ ବୃହତ ମେଗା ଜଳ ଯୋଗାଣ ପ୍ରକଳ୍ପ କରିଛନ୍ତି; ହେଲେ କିଛି ଗ୍ରାମକୁ ଜଳ ଯୋଗାଣ ହେଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ଅଧିକାଂଶ ଗ୍ରାମକୁ ଜଳ ଯୋଗାଣ ହୋଇ ପାରିନାହିଁ। କଣ୍ଟାମାଳ ବ୍ଲକ ଖଟଖଟିଆ ଗ୍ରାମର ୫୦ ପରିବାର ଆଜିକୁ ଏକ ବର୍ଷରୁ ଅଧିକ ହେବ ପାନୀୟ ଜଳରୁ ବଞ୍ଚିତ ଅଛନ୍ତି। ଗ୍ରାମର ସମସ୍ତଙ୍କ ଘର ସମ୍ମୁଖରେ ଷ୍ଟାଣ୍ଡପୋଷ୍ଟ ଲାଗି ଥିବା ବେଳେ ଅଧିକାଂଶ ଘରକୁ ପର୍ଯ୍ୟାପ୍ତ ପାଣି ଆସୁଛି; ହେଲେ ଗ୍ରାମର ୫୦ ପରିବାର ପାନୀୟ ଜଳରୁ ବଞ୍ଚିତ ଅଛନ୍ତି। ଏହାର ସମାଧାନ ନେଇ ଗ୍ରାମବାସୀ ବିଭାଗର ଟୋଲ୍ ଫ୍ରି ନମ୍ବର ସହ ବିଭାଗୀୟ ଯନ୍ତ୍ରୀଙ୍କୁ ଅନେକ ଥର ଅଭିଯୋଗ କଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହାର କୌଣସି ସମାଧାନ ହୋଇ ନ ଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥା ଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି।

# ଧାନ ଫସଲ ନଷ୍ଟକଲେ ହାତୀପଲ



**ସୁବଳୟା, ୧୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ରେଞ୍ଜ ଅଧୀନ ଖଇରମାଲ ଗ୍ରାମରେ ୨୧ଟିକିଆ ହାତୀପଲ ବ୍ୟାପକ ଧାନ ଫସଲ ନଷ୍ଟ କରିଛନ୍ତି। ହାତୀପଲ ହାତିଲିମୁଣ୍ଡା ସଂରକ୍ଷିତ ଜଙ୍ଗଲରୁ ଆସି ପ୍ରଥମେ ବହଳପଦର ଆଡ଼କୁ ଯିବାରୁ ଉକ୍ତ ଗ୍ରାମରେ ଲୋକେ ସତର୍କ ହୋଇ ବନ ବିଭାଗର କର୍ମଚାରୀଙ୍କ ସହଯୋଗରେ ହାତୀ ଘଉଡ଼ାଇଥିଲେ। ଫଳରେ ହାତୀପଲ ଅମରପାଲି ଗ୍ରାମ ଆଡ଼କୁ ଆସିବାରୁ ସ୍ଥାନୀୟ ଲୋକେ ଓ ବନ କର୍ମଚାରୀ ହାତୀପଲଙ୍କୁ ଘଉଡ଼ାଇ ଥିଲେ। ବନ ବିଭାଗ ହାତୀପଲଙ୍କୁ ଜଙ୍ଗଲ ଆଡ଼କୁ ଘଉଡ଼ାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ହାତୀପଲ ଜଙ୍ଗଲକୁ ନ ଯାଇ ବଡ଼ମାଳ ଜଙ୍ଗଲ ଦେଇ କେନଝିରିଆପାଲି ପଞ୍ଚାୟତର ଖଇରମାଲ ଆଡ଼କୁ ଯାଇଥିଲେ। ରାତିରେ ଖଇରମାଲ ଗ୍ରାମରେ ଦଶରଥ ବଗର୍ତ୍ତି, ବେଣୁ ଶଙ୍ଖୁଆ, ଅନ୍ତ ପ୍ରଧାନ, ଶଙ୍କରପ୍ରସାଦ ମିଶ୍ର ପ୍ରମୁଖଙ୍କ ବ୍ୟାପକ ଧାନ ଫସଲ ଦଳିଚକଟି ନଷ୍ଟ କରିବା ସହିତ ଫସଲ କ୍ଷତି କରିଛନ୍ତି। ଗତରାତି ତମାମ ବୀରମହାରାଜପୁରର ଏସିଏଫ୍ ଅବିନାଶ ବରିହା, ହତିଲିମୁଣ୍ଡା ବନପାଳ ଅଜୟ ବାରାଙ୍କ ସମେତ ବୀରମହାରାଜପୁର ରେଞ୍ଜର ବନ କର୍ମଚାରୀ ଓ ଉଲୁଣ୍ଡା ରେଞ୍ଜର ବନ କର୍ମଚାରୀ ହାତୀପଲଙ୍କ ଉପରେ ନଜର ରଖିବା ସହିତ ହାତୀ ଘଉଡ଼ାଇ ଥିଲେ। ହାତୀପଲ କେନ୍ଦପାଲ ଜଙ୍ଗଲରେ ରହିଥିବା ବେଳେ ସନ୍ଧ୍ୟା ବେଳେ ପୁଣି ଖଇରମାଲ ଗାଁ ମୁଣ୍ଡରେ ଚାଷ ଜମି ପାଖରେ ଅଛନ୍ତି। ବନ ବିଭାଗ ଓ ଗ୍ରାମବାସୀ ହାତୀ ଘଉଡ଼ାଉଛନ୍ତି। ହାତୀପଲ ଦିନ ବେଳା ଜଙ୍ଗଲକୁ ଯାଉଥିବା ବେଳେ ରାତି ହେଲେ ଗାଁ ମୁହାଁ ହୋଇ ଧାନ ଫସଲ ନଷ୍ଟ କରିବାରୁ ଚାଷୀମାନେ ଚିନ୍ତା ପ୍ରକଟ କରିଛନ୍ତି।

# ମରାମତି ହେଲା ନଳକୂପ



'ସକାଳ' ପ୍ରଭାବ

**ସୁବଳୟା, ୧୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ପଞ୍ଚାୟତ ଅଧୀନ ଖଇରମାଲ ଗାଁର ଗୋଠପଡ଼ାରେ ନଳକୂପ ଓ ପାନୀୟ ଜଳ ପ୍ରକଳ୍ପ ଅଚଳ ନେଇ ଶୁକ୍ରବାର 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଉକ୍ତ ଖବରକୁ ନେଇ ସାମାଜିକ କର୍ମୀ ରମେଶ କୁମାର ମେହର ପ୍ରଶାସନକୁ ଟୁଇଟ୍ କରି ଅଭିଯୋଗ ଜଣାଇଥିଲେ। ଖବର ପ୍ରକାଶିତ ହେବାର ୫ଘଣ୍ଟା ମଧ୍ୟରେ ଉକ୍ତ ନଳକୂପ ମରାମତି ହୋଇଥିବା ଗ୍ରାମବାସୀ କହିଥିବାବେଳେ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

# ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବୌଦ୍ଧ, ୧୩।୧୨(ସମିସ):** ବୌଦ୍ଧ ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଯୋଗ ଦେଇଥିଲେ।

ଅନୁଷ୍ଠାନର ଅଧ୍ୟକ୍ଷ ସନକ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜଲକ୍ଷ୍ମୀ ବିଶ୍ୱାଳ ଓ ବାଦ୍ୟକାର ଭୁବନ ମିଶ୍ର, ମନୋଜ ପଶାୟତ ଯୋଗ ଦେଇଥିଲେ। ଚଳିତ ବର୍ଷ ଆଶୋକା ହାଉସ୍‌ର ଛାତ୍ରଛାତ୍ରୀ ଚାମ୍ପିଅନ ହୋଇଥିଲେ। ରମନ୍ ହାଉସ୍ ଉପବିଜେତା ହୋଇଥିଲେ।

# ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ଦାବି

**ଶଗଡ଼ା, ୧୩।୧୨(ସମିସ):** ସରକାରୀ ଜମିର ଚିହ୍ନଟ କରାଯାଇ ଆଇନ ଅନୁଯାୟୀ ବେଆଇନ୍ ଜମି ଦଖଲକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାଲିଆପଦରବାସୀ କଣ୍ଟାମାଳ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଣ୍ଟାମାଳ ତହସିଲ ଅଧୀନ ମନମୁଣ୍ଡା ପଞ୍ଚାୟତ ଭାଲିଆପଦର ମୌଳାରେ ଥିବା ସରକାରୀ ଜମି ଅନେକ ଜବରଦଖଲକାରୀ ମାଡି ବସିଛନ୍ତି। ଏପରିକି ଯାତାୟାତ କରୁଥିବା ରାସ୍ତା ମଧ୍ୟ ସଂକୀର୍ଣ୍ଣ ହେବାକୁ ବସିଲାଣି। ଏହା ଫଳରେ ସରକାରୀ ଖାତାରେ ଥିବା ଜମିକୁ ବିଭିନ୍ନ ବ୍ୟକ୍ତି ବିଶେଷ ବେଆଇନ୍ ଭାବରେ ଦଖଲ କରିଥିବାରୁ ଲୋକଙ୍କ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗାଈଗୋରୁଙ୍କ ଚାରଣ ଭୂମିର ଅଭାବ ଦେଖା ଦେଇଛି। ଏ ନେଇ ଗତ ମାସ ୧୯ ତାରିଖରେ ଗ୍ରାମବାସୀ ଭାଗବତ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ କରି ସରକାରୀ ଜମି ଚିହ୍ନଟ କରିବା ପାଇଁ ତହସିଲଦାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପରେ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ନେଇ ଗ୍ରାମବାସୀ କଣ୍ଟାମାଳ ତହସିଲଦାରଙ୍କ ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାରୀ ଜମି ଗୁଡିକର ଚିହ୍ନଟ କରାଯାଇ ବେଆଇନ୍ ଜମି ଦଖଲକାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

# ବିଜେପି ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ

**ବୌଦ୍ଧ, ୧୩।୧୨(ସମିସ):** ସ୍ଥାନୀୟ ପୂର୍ତ୍ତ ଡାକ ବଙ୍ଗଳାରେ ବୌଦ୍ଧ ଜିଲ୍ଲା ବିଜେପିର ମଣ୍ଡଳସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେପି ସଭାପତି ବିପ୍ର ଚରଣ ମହାନ୍ତିଙ୍କ ସଭାପତିତ୍ୱ କରିଥିଲେ। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଭଗବାନ ମହାନ୍ତି, ଚିତ୍ତ ପାତ୍ର, ମାଗୁଣି ଗାଈଗୌରିଆ, ରାକେଶ ତ୍ରିପାଠୀ, ପ୍ରେମାନନ୍ଦ ମିଶ୍ର, ସୁଶାନ୍ତ ପ୍ରଧାନ, ପୁର୍ଣଚନ୍ଦ୍ର ଗାଈଗୌଉରିଆ, ସୁବାସ ପ୍ରଧାନ, ଯୁଗଳ କିଶୋର ସାମଲ, କେଦାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

- ବୌଦ୍ଧ ଧନୁଯାତ୍ରାର ତୃତୀୟ ସନ୍ଧ୍ୟା

# ନାଟକ 'ମଥୁରା କଳା ଚାନ୍ଦ ଗୋପରେ ବଢୁଛି' ମଞ୍ଚସ୍ଥ



**ବୌଦ୍ଧ, ୧୩।୧୨(ସମିସ):** ସ୍ଥାନୀୟ ମା' ଭୈରବୀ ପଡ଼ିଆରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ଶ୍ରୀ ମଦନ ମୋହନ ନାଟ୍ୟକଳା ପରିଷଦ ପକ୍ଷରୁ ଆରମ୍ଭ ହୋଇଥିବା ଧନୁଯାତ୍ରା ନାଟ୍ୟ ଉତ୍ସବର ତୃତୀୟ ସନ୍ଧ୍ୟାରେ ନାଟକ ମଥୁରା କଳା ଚାନ୍ଦ ଗୋପରେ ବଢୁଛି ମଞ୍ଚସ୍ଥ ହୋଇଛି। ନାଟକ ଆରମ୍ଭ ହେବା ପୂର୍ବରୁ ଭଜନ କାର୍ଯ୍ୟକ୍ରମ ଓ ସ୍ନେହାରାଣୀ ମିଶ୍ରଙ୍କ ଦ୍ୱାରା ଓଡିଶୀ ନୃତ୍ୟ ପରିବେଷଣ ହୋଇଥିଲା। ନାଟକ ପ୍ରାରମ୍ଭରେ ନିର୍ବାକ୍ ନୃତ୍ୟ ନାଟିକା 'କେଶବ ଧୃତ ନରହରି ରୂପ' ବେଶ୍ ଉପଭୋଗ୍ୟ ହୋଇଥିଲା। ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଏହି ନାଟକରେ ଦେବାଙ୍ଗନ ମେହେର ନିର୍ଦ୍ଦେଶନା ଦେଇଥିଲେ। କଂସ ଚରିତ୍ରରେ ବାବୁଲାଲ ପ୍ରଧାନ, ବସୁଦେବ ଚରିତ୍ରରେ ଲୋକନାଥ ମେହେର, ଉଗ୍ରେସେନ ଚରିତ୍ରରେ ରୁଦ୍ରଭାନୁ, ନାରଦ ଚରିତ୍ରରେ ବିରୁପାକ୍ଷ, ନନ୍ଦରାଜା ଚରିତ୍ରରେ ଇନ୍ଦ୍ରମଣୀ ମେହେର, ଯଶୋଦା ଚରିତ୍ରରେ ସାନୁଜ୍ୟ, କୃଷ୍ଣ ଚରିତ୍ରରେ ଆଦିତ୍ୟ ଅଭିନୟ କରିଥିଲେ।

# 'ଶ୍ରୀୟା ଚଣ୍ଡାଳୁଣୀ' ମଞ୍ଚସ୍ଥ



**ସୁବଳୟା, ୧୩।୧୨(ସମିସ):** ବୀରମହାରାଜପୁର ଉପଖଣ୍ଡର କାଦୋଦର ପଞ୍ଚାୟତ ଅଧୀନ ଜୟପୁର ଗ୍ରାମରେ ୧୮ତମ ମାଣବସା ଗୁରୁବାର ଅବସରରେ ମାଁ ନାରୟଣୀ ନାଟ୍ୟ ସଂସଦ ପକ୍ଷରୁ 'ଶ୍ରୀୟା ଚଣ୍ଡାଲୁଣୀ' ନାଟକ ମଞ୍ଚସ୍ଥ ହୋଇଯାଇଛି। ଏଥିରେ ଅଇଁଠୁ ସାହୁ ରଚନା ଓ ନିର୍ଦ୍ଦେଶନା ଦେଇଥଲେ। ନାଟକଟି ପୌରାଣିକ ବିଷୟରେ ଆଧାରିତ ମାଁ ମହାଲକ୍ଷ୍ମୀ ଓ ପ୍ରଭୁ ଜଗନ୍ନାଥ ଉପରେ ପରିବେଷଣ ହୋଇଥିଲା। ବାଦ୍ୟଯନ୍ତ୍ରରେ ଗୋପାଳ ପାତ୍ର, ସୌମିତ୍ରୀ ମଲ୍ଲିକ, ମାନସ ରଞ୍ଜନ ନାଏକ ପ୍ରମୁଖ ରହିଥିଲେ। ଅଭିନୟରେ ରବିନାରାୟଣ ଡାଙ୍ଗ ଲକ୍ଷ୍ମୀ, ନାରଦ ବାସୁଦେବ କର୍ଣ୍ଣ, ବଳରାମ ଭୀମସେନ ମେହେର, ଶ୍ରୀଜଗନ୍ନାଥ ନକୁଳ ମେହେର, ଭୃଗୁ ଉଦୟନାଥ ପଧାନ, ପରାସର କୀର୍ତ୍ତନ ଭୁକ୍ତା, ବିଷ୍ଣୁ ଗୁପ୍ତେଶ୍ୱର କର୍ଣ୍ଣ, ଶ୍ରୀୟା ବିଧୁଭୂଷଣ ନାଏକ, ମୁଦିରଥ ମନୋଜ ମେହେର ପ୍ରମୁଖ ନିଖୁଣ ଅଭିନୟ କରିଥିଲେ। ଉପସ୍ଥିତ ଦର୍ଶକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନଟକ ଦେଖିଥିଲେ।

# ମହାଲକ୍ଷ୍ମୀ ପୁରାଣ ଗୀତିନାଟ୍ୟ ପରିବେଷିତ



**ବୀରମହାରାଜପୁର, ୧୩।୧୨(ସମିସ):** ବୀରମହାରାଜପୁର କେନ୍ଦୁପାଲିରେ ମାଣବସା ଗୁରୁବାର ଅବସରରେ ରାଣୀପୁର ଗ୍ରାମର ଶ୍ରୀଲକ୍ଷ୍ମୀନାରାୟଣ ନାଟ୍ୟ ସଂସଦ ପକ୍ଷରୁ ମହାଲକ୍ଷ୍ମୀ ପୁରାଣ ଗୀତିନାଟ୍ୟ ପରିବେଷିତ ହୋଇଥିଲା। ନାଟ୍ୟ ପ୍ରାରମ୍ଭରେ ନାଟିକା ବେଣି ବନ୍ଧନ ଅନୁଷ୍ଠିତ ହୋଇଥିଲା। ପରେ ବରିଷ୍ଠ ସାମ୍ବାଦିକ ଯୁଗଳ କିଶୋର ମିଶ୍ରଙ୍କ ସଂଯୋଜନା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶତାୟୁ କଳାକାର ବ୍ରଜକୃଷ୍ଣ ପଣ୍ଡା, ନାଟ୍ୟ ନିର୍ଦ୍ଦେଶକ ଭରତ ମହାକୁଡ଼, ବିଶିଷ୍ଟ ତବଲା ବାଦକ ଅବସରପ୍ରାପ୍ତ ଶିକ୍ଷକ ଦଶରଥ ମଲ୍ଲିକ ଓ ଅନ୍ୟାନ୍ୟ କଳାକାର ପ୍ରମୁଖ ସମ୍ବର୍ଦ୍ଧିତ ହୋଇଥିଲେ। ଶଙ୍କର ମେହେର, ଲବ କୁମାର ମେହେର, ମୀନା ମେହେର, ହିମାଂଶୁ ପ୍ରମୁଖ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନାଟକ ଉପଭୋଗ କରିଥିଲେ।

# କେନ୍ଦୁପାଲି ହାଇସ୍କୁଲରେ ଚିତ୍ରାଙ୍କନ ପ୍ରତିଯୋଗିତା

**ବୀରମହାରାଜପୁର, ୧୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପକଣ୍ଠ କେନ୍ଦୁପାଲି ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ଶକ୍ତି କ୍ଲବ ଆନୁକୂଲ୍ୟରେ ଶିକ୍ଷକ ଦିବ୍ୟରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଶକ୍ତି ସଂରକ୍ଷଣ ବିଷୟ ଉପରେ ହୋଇଥିବା ପ୍ରତିଯୋଗିତାରେ ସ୍କୁଲର ପ୍ରାୟ ଶହେ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଦେବାଶିଷ ମିଶ୍ର, ଅମରେଶ ତ୍ରିପାଠୀ, ଶିକ୍ଷୟିତ୍ରୀ ବେବି ଶିବାନୀ ସାହା ଚିତ୍ରାଙ୍କନ ପ୍ରତିଯୋଗିତାର ମୂଲ୍ୟାଙ୍କନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଇନ୍ଦିରା ମିଶ୍ର ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ। ପ୍ରତିଯୋଗିତାରେ କାହ୍ନାମେହେର ପ୍ରଥମ, ବିଦୁଷ ମେହେର ଦ୍ୱିତୀୟ ଓ ରୋହନ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିତେଶ୍ୱରୀ ମେହେର, ମହେନ୍ଦ୍ର ସାହୁ, ପୁଡୁ କାଲସାଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




# ଟାୱାରରୁ ସୋଲାର ପ୍ଲେଟ୍ ଚୋରି କରି ୨ ଗିରଫ



**ଶଗଡ଼ା/କଣ୍ଟାମାଳ, ୧୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନା ବରଗାଁ ପଞ୍ଚାୟତ ଗଦଗଦିପଡ଼ା ନିକଟସ୍ଥ ଏକ ମୋବାଇଲ ଟାୱାରରୁ ମେ ମାସରେ ୨ଟି ସୋଲାର ପ୍ଲେଟ ଚୋରି ଘଟଣାରେ ୨ ଜଣ ଗିରଫ ହୋଇଛନ୍ତି। ଗିରଫ ଦୁଇ ଜଣ ହେଲେ ଶିମିଳି ଜୋରା ଗ୍ରାମର ଦେବଚରଣ ଘିବିଲା ଓ ରାଧେଶ୍ୟାମ ରଣା। ନିକଟସ୍ଥ ଜଙ୍ଗଲରୁ ଚୋରି ସୋଲାର ପ୍ଲେଟ୍ ସବୁ ପୁଲିସ ଜବତ କରିଛି। କମ୍ପାନୀ କର୍ତ୍ତୃପକ୍ଷଙ୍କ ଏତଲା ଆଧାରରେ କଣ୍ଟାମାଳ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା ବୋଲି ଥାନା ଅଧିକାରୀ ଭାବାନନ୍ଦ ପ୍ରଧାନ ସୂଚନା ଦେଇଛନ୍ତି।

# ସୁନ୍ଦରାକାଣ୍ଡ ପାରାୟଣ ଓ ଲକ୍ଷ୍ମୀପୁରାଣ ନାଟକ ମଞ୍ଚସ୍ଥ

**ମନମୁଣ୍ଡା/ଶଗଡ଼ା, ୧୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗୋଛା ପଞ୍ଚାୟତ ବଡ଼ଦେହୁରୀପାଲି ଗ୍ରାମରେ ମାଣବସା ଲକ୍ଷ୍ମୀ ପୂଜାର ୧୨ ବର୍ଷ ପୂର୍ତ୍ତି ଉତ୍ସବ ଜାକଜମକରେ ପାଳିତ କରାଯାଇଛି। ଧୁମଧାମ୍ ରେ ଲକ୍ଷ୍ମୀ ପୂରାଣ ନାଟକ ମଞ୍ଚସ୍ଥ ହୋଇଥିଲା। ଏହି ଉପଲକ୍ଷେ ଅପରାହ୍ନ ରେ ସୁନ୍ଦରାକାଣ୍ଡ ପାରାୟଣ ଅନୁଷ୍ଠିତ ହୋଇଥିଲା। ପିଙ୍କି ମିଶ୍ର ପୁରାଣ ଗାନ କରିଥିଲେ। ଗ୍ରାମର କଳାକାରଙ୍କ ଦ୍ୱାରା 'ଦାନବୀର ହରିଶ୍ଚନ୍ଦ୍ର' ନୃତ୍ୟ ନାଟିକା ମଧ୍ୟ ମଞ୍ଚସ୍ଥ ହୋଇଥିଲା। କ୍ଷମାନିଧି ମିଶ୍ର ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ବିଜୟ ସାହୁ ନାଟ୍ୟ ଗୁରୁ ଭାବେ କାର୍ଯ୍ୟ କରିଥିଲେ। ଏଥିରେ ମାଁ ମାହେଶ୍ୱରୀ ନାଟ୍ୟ କଳା ସଂସଦର ସମସ୍ତ ସଦସ୍ୟମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

# ଘୁଲୁଘୁଲାପଦର ଜଳପ୍ରକଳ୍ପ ଅଚଳ

**ପଲଶାଗୋରା, ୧୩।୧୨(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଘୁଲୁଘୁଲାପଦରରେ ୫୦ଲକ୍ଷ ଟଙ୍କାରେ ନିର୍ମିତ ଗ୍ରାମ୍ୟ ଜଳ ପ୍ରକଳ୍ପ ୧୫ଦିନ ହେବ ଅଚଳ ହୋଇପଡ଼ିଛି। ଏହାଫଳରେ ଗାଁ ଲୋକେ ପାନୀୟ ଜଳ ସମସ୍ୟା ଭୋଗୁଛନ୍ତି। ୨ ହଜାରରୁ ଅଧିକ ଜନ ସଂଖ୍ୟା ବିଶିଷ୍ଟ ଏହି ଗ୍ରାମରେ ପାନୀୟ ଜଳ ଉପଯୋଗୀ କେବଳ ଗୋଟିଏ ମାତ୍ର ନଳକୂପ ରହିଛି। ଏହି ନଳକୂପରୁ ଗ୍ରାମର ମହିଳାମାନେ ପାଣି ଗରାଏ ନେବା ପାଇଁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ଏଣୁ ପାଣି ପାଇଁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ବିଷୟରେ ବିଭାଗୀୟ ଯନ୍ତ୍ରୀଙ୍କୁ ଅଭିଯୋଗ ପାଇଁ ଫୋନ୍ କଲେ କି ଅଭିଯୋଗ କଲେ ମଧ୍ୟ ଶୁଣୁ ନାହାନ୍ତି। ତୁରନ୍ତ ଏହାର ମରାମତି କରା ନ ଗଲେ ଗ୍ରାମବାସୀ ରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବା ଜଳ ଜଳ ଦିଶୁଛି।

# ମାହେଶ୍ୱରୀ ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ



**ତରଭା, ୧୩।୧୨(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାହେଶ୍ୱରୀ ସଂଗଠନ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତରଭା ସହର ସମେତ ବ୍ରାହ୍ମଣୀ, ବଘିଆ ଓ ମରାଡୁଗୁଛା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗରିବ ଅସହାୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଏଥିରେ ତରଭା ମାହେଶ୍ୱରୀ ସଂଗଠନ ସଭାପତି ପ୍ରଦୀପ ମେହେରଙ୍କ ନେତୃତ୍ୱରେ ଦିନବାନ୍ଧବ ବାଘ, ବୁବୁନ ରଣା, ରାଜା ସାହୁ, ସତ୍ୟଜିତ ହାତୀ ଓ ପଞ୍ଚାୟତ କୋର୍ଡିନେଟର ରିଙ୍କୁ ମେହେର, ପ୍ରଶାନ୍ତ ସେଠୀ ଓ ସିଦ୍ଧାର୍ଥ ନାଗ ପ୍ରମୁଖ କମ୍ବଳ ବଣ୍ଟନ କରିଥିଲେ।

# ମୋ-ସ୍କୁଲ ଅଭିଯାନ କମିଟିର ବୈଠକ



**ସୋନପୁର, ୧୩।୧୨(ସମିସ):** ସୁବର୍ଣ୍ଣପୁର ଜିଲ୍ଲାର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ମହାରାଜା ହାଇସ୍କୁଲର ମୋ-ସ୍କୁଲ ଅଭିଯାନ କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶୈକ୍ଷିକ ଏବଂ ସର୍ବାଙ୍ଗୀନ ଉନ୍ନତି ସମ୍ପର୍କରେ ଆଲୋଚନା କରାଯାଇ ଉନ୍ନତିମୂଳକ କାମ ଶୀଘ୍ର ଆରମ୍ଭ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହୋଇଥିଲା। ଏନେଇ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଓ ସଭାପତି ଗୋରେଖନାଥ ସାହୁ, ସମ୍ପାଦକ ଆଶିଷ କୁମାର ରଥ (ପ୍ରଧାନଶିକ୍ଷକ), କଇରୁ ସ୍ୱାଇଁ, ପର୍ଶୁରାମ ମିଶ୍ର, ଦିଲ୍ଲୀପ କୁମାର ରଥ, ଗତିକୃଷ୍ଣ ମିଶ୍ର ଏବଂ ବ୍ୟୋମକେଶ ଦାଶ କମିଟିର ସଭ୍ୟ ଭାବରେ ମନୋନୀତ ହୋଇଥିଲେ। ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ସଭା ଶେଷରେ ସମ୍ପାଦକ ବ୍ୟୋମକେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ତିନି ଜଣ ପୁରାତନ ଛାତ୍ର ଇଂ. ଅଚ୍ୟୁତାନନ୍ଦ ରଥ, କ୍ରୀଡ଼ାବିତ ବଳରାମ ପଣ୍ଡା ଏବଂ ସତୀଶଚନ୍ଦ୍ର ପଟ୍ଟନାୟକଙ୍କ ଦେହାନ୍ତ ହୋଇଥିବାରୁ ବିଦ୍ୟାଳୟ ପ୍ରାଙ୍ଗଣରେ ପୁରାତନ ଛାତ୍ର ସଂଘ ସଭାପତି ଗୋରେଖନାଥ ସାହୁଙ୍କ ଅଧ୍ୟକ୍ଷତାରେ ଶୋକସଭାଓ ୨ ମିନିଟ ନିରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ପରେ ସଂଘ ସମ୍ପାଦକ ବ୍ୟୋମକେଶ ଦାଶ, ସଭ୍ୟଗଣ ଓ ପ୍ରଧାନଶିକ୍ଷକ ଆଶିଷ କୁମାର ରଥ ପ୍ରମୁଖ ଦିବଂଗତଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତିନିଜଣ ବରପୁତ୍ରଙ୍କୁ ଜିଲ୍ଲା ହରାଇଲା ବୋଲି ବକ୍ତାମାନେ ପ୍ରକାଶ କରିଥିଲେ।

# ଋଣ ପାଇଲେ ୧୦୦ ବୁଣାକାର

**ମନମୁଣ୍ଡା, ୧୩।୧୨(ସମିସ)**

ମନମୁଣ୍ଡାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏସ୍‌ବିଆଇ ଚିଫ୍ ଜେନେରାଲ ମ୍ୟାନେଜର (ଭୁବନେଶ୍ୱର) ଦିନେଶ ପୃଥି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଏସ୍‌ବିଆଇ ଡିଜିଏମ (ବ୍ରହ୍ମପୁର) ସନ୍ଦୀପ ଚୌବେ, ଆରଏମ (ଫୁଲବାଣୀ) ପ୍ରକାଶ ଚନ୍ଦ୍ର ଗ୍ରହାଚାର୍ଯ୍ୟ, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ବୌଦ୍ଧ ସାମ୍ବାଦିକ ସଂଘ ଉପ ସଭାପତି ବୈଦ୍ୟନାଥ ହୋତା, ଉଦ୍ୟୋଗପତି ଆଶିଷ ସାହୁ, ଶିଳ୍ପପତି ଶଙ୍କର ମେହେର, ମୃତ୍ୟୁଞ୍ଜୟ ହୋତା ପ୍ରମୁଖ ଯୋଗ ଦେଇଥିଲେ। ଶାଖା ପରିଚାଳକ ବାଲଗୋପାଳ ନାୟକ କର୍ତ୍ତା ଭାବେ କାର୍ଯ୍ୟ ନିର୍ବାହ କରିଥିଲେ।

ଅନ୍ୟପକ୍ଷେ ଏସବିଆଇ ରିଜିଓନାଲ ବିଜିନେସ ଅଫିସ ଫୁଲବାଣୀ ସଂଗଠନରେ ମନମୁଣ୍ଡା ଶାଖା ତରଫରୁ ଏନ୍‌ଏଚ-୫୭ ବାସୁଦେବପାଲି (ମନମୁଣ୍ଡା) କାର୍ତ୍ତିକ ମଇଦାନରେ ଏକ ବୃହତ୍ ବୁଣାକାର ଋଣ ମେଳା ଅନୁଷ୍ଠିତ ହୋଇଥିଲା। ମନମୁଣ୍ଡା ଶାଖା ପରିଚାଳକ ବାଲଗୋପାଳ ନାୟକ ସଭାପତିତ୍ୱ କରିଥିଲେ। ୧୦୦ ବୁଣାକାରଙ୍କୁ ୧ ଲକ୍ଷ ଲେଖାଏଁ ଟଙ୍କା ଋଣ ପ୍ରଦାନ କରାଯାଇଥିଲା



# କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯାବତୀୟ ଅବ୍ୟବସ୍ଥା

● କେସିଙ୍ଗା ବିକାଶ ମଞ୍ଚର ଆନ୍ଦୋଳନ ସଜବାଜ




**କେସିଙ୍ଗା, ୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଚାଳନାଗତ ତ୍ରୁଟି, ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତଦାରଖ ଅଭାବ ଓ ଉଦାସୀନତା ପାଇଁ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଠାରେ ବିଶେଷଜ୍ଞ ଡାକ୍ତର ସାଙ୍ଗକୁ କର୍ମଚାରୀ ଅଭାବ ରହିଛି। କାର୍ଯ୍ୟରତ କେତେକ ଡାକ୍ତର ଠିକ୍‌ରେ କାର୍ଯ୍ୟ ନ କରିବାରୁ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିଭଳି ଥୁଅମୁଳ ରାମପୁରର ବିବାଦୀୟ ଡାକ୍ତରଙ୍କୁ ଏଠାରେ ନିଯୁକ୍ତି ଦେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦିନ ୧୧ଟା ବେଳକୁ ମଧ୍ୟ ଡାକ୍ତର ଆସୁ ନାହାନ୍ତି। ଏଣୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ଜଣେ ଡାକ୍ତରଙ୍କ ଦୁର୍ବ୍ୟବହାର ନେଇ ଜିଲ୍ଲା ଚିକିତ୍ସା ଅଧିକାରୀ ଓ ଜିଲ୍ଲାପାଳଙ୍କ ପାଖରେ ଅଭିଯୋଗ ହୋଇଥିଲା। ଜିଲ୍ଲା ଚିକିତ୍ସା ଅଧିକାରୀ ତାଙ୍କୁ ବଦଳାଯିବ ବୋଲି କହିଥିଲେ; ହେଲେ କଲେ ନାହିଁ। ଏହାଫଳରେ ସେହି ଡାକ୍ତରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଅଧିକାଂଶ ରୋଗୀ ରେଫର ହେଉଛନ୍ତି। ବର୍ତ୍ତମାନ ଏହି ହସ୍ପିଟାଲ ରେଫରାଲ ସେଣ୍ଟର ପାଲଟି ଯାଇଛି। ରୋଗୀ ଆସି ହଇରାଣ ହେଉଛନ୍ତି। ବହୁ ଦିନରୁ ଲ୍ୟାବ୍ ଟେକ୍ନିସିଆନ ପାଇଁ ଦାବି ହୋଇଆସୁଛି; ହେଲେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଅଣଦେଖା କରୁଛି। ସରକାର ମାଗଣା ରକ୍ତ, ମଳ, ମୂତ୍ର ପରୀକ୍ଷା କଥା କହୁଛନ୍ତି; ହେଲେ କର୍ମଚାରୀ ଅଭାବରୁ ସମସ୍ତ ପରୀକ୍ଷା ହୋଇ ପାରୁ ନାହିଁ। ଏଣୁ ଲୋକେ ବାଧ ହୋଇ ବାହାରକୁ ରକ୍ତ ପରୀକ୍ଷା ପାଇଁ ଯାଉଛନ୍ତି। ହସ୍ପିଟାଲର ପରିମଳ ବ୍ୟବସ୍ଥା ନ କହିବା ଭଲ। ଏଯାଏଁ ଜିଲ୍ଲାରେ ଚିକିତ୍ସା ବିଭାଗର ଭୁଲ୍ ପାଇଁ ଟେଣ୍ଡର ବିବାଦୀୟ ହୋଇ ପଡ଼ିଥିବାରୁ ଏହି ବ୍ୟବସ୍ଥା ଫେଲ୍ ମାରିଛି। ଶୌଚାଳୟ ନ ଥିଲା ସଙ୍ଗେ ସମାନ। ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଏହାର ଅବସ୍ଥା ସୁଧୁରୁ ନାହିଁ। କିଛି ଭୁଲ୍‌କୁ ନେଇ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କଲେ ସୁଧାରିବା ପରିବର୍ତ୍ତେ ଯୁକ୍ତି କରୁଛନ୍ତି। ଏ ସମ୍ପର୍କରେ ମେଡ଼ିକାଲ ଅଫିସର ଡାକ୍ତର ପ୍ରୟାଗ ପ୍ରତିଶ୍ରୁତି ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ଡାକ୍ତର କମ୍ ଅଛନ୍ତି ବୋଲି କହିଥିଲେ। ଅନ୍ୟପକ୍ଷେ ଏହି ହସ୍ପିଟାଲର ବିପର୍ଯ୍ୟସ୍ତ ଅବସ୍ଥାରେ ପ୍ରଶାସନ କିମ୍ବା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେଉ ନ ଥିବାରୁ କେସିଙ୍ଗା ବିକାଶ ମଞ୍ଚ କ୍ଷୋଭ ପ୍ରକାଶ କରିଛି। ସବୁ ଦଳ ଓ ସବୁ ସଙ୍ଗଠନକୁ ନେଇ ଏକ ବୈଠକ ଡକାଯିବ। ଖୁବଶୀଘ୍ର ଜିଲ୍ଲାପାଳଙ୍କୁ ଉଚିତ୍ ପଦକ୍ଷେପ ପାଇଁ ଦାବିପତ୍ର ଦିଆଯିବ। ଆବଶ୍ୟକ ଆନ୍ଦୋଳନ ହେବ ବୋଲି ସଙ୍ଗଠନ କହିଛି।

# ଅବଧି ଶେଷ ସତ୍ତ୍ୱେ ସରୁନି ରାସ୍ତା କାମ

## ନିମ୍ନମାନର କାମକୁ ନେଇ ଅଞ୍ଚଳବାସୀ ଅସନ୍ତୁଷ୍ଟ

**ଧର୍ମଗଡ଼, ୧୩।୧୨(ସମିସ)**



ଅଞ୍ଚଳବାସୀଙ୍କ ବହୁଦିନର ଦାବି ପରେ କୋକସରା-ଧର୍ମଗଡ଼ ବ୍ଲକକୁ ସଂଯୋଗ କରିବାକୁ ଚିତାମୁଣ୍ଡା ଭାୟା ଡାଲଗୁମାଠାରୁ ବାଙ୍କିମୁଣ୍ଡା ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ମୌଷଧି ବାଗ ଭିତ୍ତିପ୍ରସ୍ତର ସ୍ଥାପନ କରି ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ରାସ୍ତା ନିର୍ମାଣ କାର୍ଯ୍ୟ ଜାରି ରହିଛି; ହେଲେ କାମର ଅବଧି ଶେଷ ହୋଇଥିଲେ ହେଁ କାମ ଅଧାରେ ପଡ଼ି ରହିଛି। ଲୋକଙ୍କ ଯାତାୟାତରେ ଅନେକ ଅସୁବିଧା ହେଉଛି। ଅନ୍ୟପଟେ ନିମ୍ନମାନର କାମ ହେଉଥିବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ଜୟପାଟଣାର ଏକ ଠିକାସଂସ୍ଥା କାମ କରୁଛି। ମୋଟ ୫, ୧୩୦ କିମି ଦୂରତା ବିଶିଷ୍ଟ ରାସ୍ତା ପାଇଁ ଅଟକଳ ପରିମାଣ ମୋଟ ୩, ୪୫, ୨୭, ୮୧୩ ଟଙ୍କା ରହିଛି; ଯାହା ଚିତାମୁଣ୍ଡା ଭାୟା ଡାଲଗୁମା ଦେଇ ବାଙ୍କିମୁଣ୍ଡାରେ ସଂଯୋଗ ହେବାର ବ୍ୟବସ୍ଥା ରହିଛି। ସୂଚନା ଫଳକ ଅନୁଯାୟୀ କାର୍ଯ୍ୟ ଆରମ୍ଭ ୧୩/୧୨/୨୩ ରହିଥିବା ବେଳେ କାର୍ଯ୍ୟ ଶେଷ ୧୨/୦୬/୨୪ ରହିଛି; ହେଲେ ଅବଧି ଶେଷ ହୋଇ ୬ମାସ ହେବାକୁ ବସିଲାଣି। କାମ କିନ୍ତୁ ଅଧାରୁ ପଡ଼ି ରହିଛି। ଠିକାସଂସ୍ଥା ମନ୍ଥର ଗତିରେ କାର୍ଯ୍ୟ କରୁଥିବା ଓ ବିଭାଗୀୟ ଯନ୍ତ୍ରୀଙ୍କ ଅନୁପସ୍ଥିତି ରହିଥିବା ବେଳେ ଅତି ନିମ୍ନମାନ କାମ ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ମାଟି ପରେ ବାଲି, ମୁରୁମ, ମେଟାଲ ଓ କ୍ରସର ମିକ୍ସ ଚିପ୍ସ ଦେବା ବ୍ୟବସ୍ଥା ଥିଲେ ହିଁ ଠିକାଦାର ମାଟି, ମୁରୁମ ଓ କେତେକ ସ୍ଥାନରେ କ୍ରସରମିକ୍ସ ଚିପ୍ସ ଦେଇ କାମ କରିଛନ୍ତି। ଏପରିକି ପାଣି ଦେବା ବ୍ୟବସ୍ଥା ଥିଲେ ହେଁ ଭଲ ଭାବେ ପାଣି ଦେଇ ନ ଥିବା ଯୋଗୁଁ ରାସ୍ତାର ସ୍ଥାୟିତ୍ୱ ଉପରେ ପ୍ରଶ୍ନ ଉଠିଛି। ଏହି ରାସ୍ତା ଦେଇ କୋକସରା ବ୍ଲକର କୋକସରା, ମୂଷାପାଲି, ଡାଲଗୁମା, ରେଙ୍ଗାଲପାଲି, ଡହଗାଁ, ମାଝୀଗୁଡା, ଗମ୍ଭାରୀଗୁଡା, ଲଡୁଗାଁ ପଞ୍ଚାୟତର ଲୋକେ ଧର୍ମଗଡ଼ ଉପଖଣ୍ଡକୁ ଯାତାୟାତ କରୁଛନ୍ତି; ହେଲେ ନିର୍ମାଣାଧୀନ ରାସ୍ତାର ଅବସ୍ଥା ଶୋଚନୀୟ କାରଣରୁ ଅନ୍ୟ ରାସ୍ତା ଦେଇ ଲୋକଙ୍କୁ ୧୦/୧୫ କିମି ବୁଲି ଯିବାକୁ ପଡୁଛି।

# ପଣ୍ଡିଗାଁ ମଣ୍ଡିରୁ ଉଠିଲା ଧାନ



**କଲମପୁର, ୧୩।୧୨(ସମିସ):** କଲମପୁର ପେକ୍ସ ଅଧୀନ ପଣ୍ଡିଗାଁ ଧାନମଣ୍ଡିରୁ ଶୁକ୍ରବାର ଧାନ କିଣାବିକାର ଶୁଭାରମ୍ଭ ହୋଇଛି। ବିଡ଼ିଓ ବିଜୟ ମାଣ୍ଡାଙ୍ଗୀ ଉପସ୍ଥିତ ଥିଲେ। ପୂଜାର୍ଚ୍ଚନା ପୂର୍ବକ ଧାନ କିଣାବିକାର ଶୁଭାରମ୍ଭ ହୋଇଥିଲା। ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ କ୍ଷେତ୍ରମୋହନ ବାଗ, ଡାଟା ଅପରେଟର କ୍ଷୀରୋଦ ନାଏକ, ବିଜେପି କୃଷକ ମୋର୍ଚ୍ଚା ସଦସ୍ୟ ସୁମନ୍ତ ପଣ୍ଡା, ସୁଧୀର ରାଉତ, ଚାଷୀ ସୁଶୀଲ ବେହେରା, ଭବାନୀ ବେହେରା, ଅରବିନ୍ଦ ରାଉତ, କାର୍ତ୍ତିକ ମାଲି, ଅଭିମନ୍ୟୁ ବାଗ, ହରିଶଙ୍କର ସାହୁ, ସୁନିଲ ପଟ୍ଟନାୟକ, ସୁଦୀପ୍ତ ବେହେରା, ପୂର୍ଣ୍ଣ ନାଏକ, ଗୌତମ ମାଝୀ, କେଦାର ଖର୍ସେଲ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀ ସୁଶୀଲ ବେହେରା, ନିର୍ମଳା ବେହେରା, ରତ୍ନାକର ନାଗ, ରାମ ବାବୁ, ଚନ୍ଦ୍ରମଣି ରଣା ପ୍ରମୁଖ ଚାଷୀଙ୍କ ପ୍ରାୟ ୬୦୦ କୁଇଣ୍ଟାଲ ଧାନ ସଂଗ୍ରହ କରଯାଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



**କେସିଙ୍ଗା, ୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିଙ୍ଗା ବିଡ଼ିଓ ପଦ୍ମନାଭ ପୁରୋହିତ, ବୀରେନ୍ଦ୍ର କଅଁର, ଶ୍ରୀମନ୍ତ ବଡ଼ପଣ୍ଡା, ବିଏସଏସଓ ରାକେଶ ବୁଡୁ ପ୍ରମୁଖ ଉପସ୍ଥିତ ଥିଲେ। ୩୫୮ ଜଣ ଭିନ୍ନକ୍ଷମଙ୍କ ପଞ୍ଜୀକୃତ ହୋଇଥିଲା। ୧୯୫ ଜଣ ସାର୍ଟିଫିକେଟ ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।। ୬୮ ଜଣଙ୍କୁ ଶିବିରରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ୫୪ ଜଣଙ୍କୁ ବସ୍ ପାସ୍ ଓ ୪୯ ଜଣଙ୍କୁ ଟ୍ରେନ୍ ପାସ୍ ପ୍ରଦାନ କରାଯାଇଥିଲା। ୮ ଜଣଙ୍କୁ ହ୍ୱିଲ ଚେୟାର ଓ ୬ ଜଣଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

# ନୂତନ ଶ୍ରେଣୀ ପ୍ରକୋଷ୍ଠର ଶିଳାନ୍ୟାସ



**ସିନାପାଲି, ୧୩।୧୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ସରସ୍ୱତୀ ଶିଶୁମନ୍ଦିରରେ ନୂତନ ଶ୍ରେଣୀ ପ୍ରକୋଷ୍ଠ ନିର୍ମାଣ ପାଇଁ ଶୁକ୍ରବାର ଶିଳାନ୍ୟାସ କାର୍ଯ୍ୟ ଅନୁଷ୍ଠିତ ହୋଇଛି। ସୁରେଶ୍ୱର ମେହେର ଓ ତାଙ୍କ ଧର୍ମପତ୍ନୀ ଲିପାଞ୍ଜଳୀ ମେହେର କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୂଜକ ଭାବରେ ସଦାନନ୍ଦ ଯାଦବ ଦାୟିତ୍ୱ ତୁଲାଇଥିଲେ। ଶ୍ରୀ ମେହେର ଏହି ପ୍ରକୋଷ୍ଠ ନିର୍ମାଣ ପାଇଁ ପ୍ରଥମ କିସ୍ତିରେ ଦୁଇ ଲକ୍ଷ ଅଶି ହଜାର ଟଙ୍କା ବିଦ୍ୟାଳୟକୁ ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଶିଶୁମନ୍ଦିରରକୁ ପଚିଶ ବର୍ଷ ପୂରଣ ହେବାକୁ ଥିବାବେଳେ ଅନୁଷ୍ଠାନର ରଜତ ଜୟନ୍ତୀ ପାଳନ କରିବାକୁ ବିଦ୍ୟାଳୟ କମିଟି ପ୍ରସ୍ତୁତି ଚଳାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଚିତ୍ରଭାନୁସିଂ ମାଝୀ, ଧରମ ସିଂହ ମାଝୀ, କ୍ଷିରମତୀ ମେହେର, ଉମାକାନ୍ତ ମେହେର, ଆନନ୍ଦ ନନ୍ଦ ମେହେରଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା, ପରିଚାଳନା କମିଟି ଓ ରଜତ ଜୟନ୍ତୀ ପାଳନ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

# କାଠ ଜବତ, ଗାଡ଼ିକୁ ଛାଡ଼୍

## ସନ୍ଦେହରେ ରେଞ୍ଜ ଅଫିସରଙ୍କ କାର୍ଯ୍ୟ



**କୋକସରା, ୧୩।୧୨(ସମିସ):** ବିଭିନ୍ନ ସମୟରେ କାଠ ଓ ମକା ମାଫିଆମାନଙ୍କ ସହ ସମ୍ପର୍କ ଓ ଅନେକ ବିବାଦୀୟ କାର୍ଯ୍ୟକଳାପ ପାଇଁ ବନ ବିଭାଗ ଚର୍ଚ୍ଚାର ପରିସରରେ ରହି ଆସିଛି। ଧର୍ମଗଡ଼ ରେଞ୍ଜ ଅଫିସର ବର୍ତ୍ତମାନ ପୁଣି ଆଉ ଏକ ଘଟଣା ପାଇଁ ଚର୍ଚ୍ଚାର ପରିସରରକୁ ଆସିଛନ୍ତି। ଶୁକ୍ରବାର କାଠ ବୋଝେଇ କରି ଯାଉଥିବା ଏକ ଅଟୋକୁ ବନ ବିଭାଗ ଧରିଥିଲା। ଆମପାଣି ଫରେଷ୍ଟ କାର୍ଯ୍ୟାଳୟରେ କାଠଗଣ୍ଡିକୁ ଜବତ କରି ରଖାଯାଇଛି। ତେବେ କାଠ ନେବାରେ ବ୍ୟବହୃତ ହୋଇଥିବା ଅଟୋକୁ ଛାଡି ଦିଆଯାଇଛି। ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଯାହା ସମ୍ପୃକ୍ତ ବନ ଅଧିକାରୀଙ୍କ କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି। ଗତ କିଛିଦିନ ତଳେ ସାହାଜଖୋଲ ବନ ସୁରକ୍ଷା ମହାସଂଘ ଦୁର୍ନୀତିଖୋର ବନ ଅଧିକାରୀ ଓ କର୍ମଚାରୀଙ୍କୁ ବଦଳି ଦାବିକରି ରାସ୍ତାକୁ ଓହ୍ଲାଇଥିଲେ। ଏଭଳିକି ବନ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ତେବେ ୭ଦିନ ମଧ୍ୟରେ ସମ୍ପୃକ୍ତ ଅଧିକାରୀଙ୍କୁ ବଦଳି କରାଯିବ ବୋଲି ସେତେବେଳେ ଡେପୁଟି କଲେକ୍ଟର ପ୍ରତିଶ୍ରୁତି ଦେଇଥିଲେ; ହେଲେ ଏ ପର୍ଯ୍ୟନ୍ତ ତାହା ପୂରଣ ହୋଇପାରିନାହିଁ। ଅନ୍ୟପଟେ ନିଜର ଛବିକୁ ଠିକ୍ କରିବାକୁ ଯାଇ ବନ ବିଭାଗ ଛୋଟ ମାଛକୁ ଧରୁଥିବା ବେଳେ ବଡ଼ ବଡ଼ଙ୍କୁ ଧରିବାରେ କେବେ ସଫଳ ହୋଇନାହିଁ। ଛୋଟିଆକୁ ଧରି ବାହାବା ନେଉଛି। ଏଣେ ବଡ଼ ବଡ଼ ମାଫିଆ ବେଫିକର ରହି ସାହାଜଖୋଲ ଜଙ୍ଗଲରେ ଆଡା ଜମାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ବନ ବିଭାଗ ସାହସ ଜୁଟାଇ ପାରୁନି। ତେବେ କାଠଗଣ୍ଡି ଜବତ ବିଷୟରେ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଧର୍ମଗଡ଼ ବନାଞ୍ଚଳ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଫୋନ୍ ରିସିଭ ନ କରିବାରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

# ଜାନୁଆରୀ ୮ରେ କୋକସରା ବ୍ଲକ୍‌ସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା'

**କୋକସରା, ୧୩।୧୨(ସମିସ):** କୋକସରା ବ୍ଲକ କାର୍ଯ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ ଉପାଧ୍ୟକ୍ଷ ରାଜୀବ କଅଗ୍ରୱାଲଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବିଡିଓ ହିମାଞ୍ଚଳ ମାଝୀ, ତହସିଲଦାର ନବୀନ କିଶୋର ପାଢ଼ୀ, ବିଜେପି ନେତା ତ୍ରିନାଥ ଶବର, ଘୁମୁରା ଗୁରୁ ମହେଶ୍ୱର ସରାଫ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ନୂତନ କମିଟି ଗଠନ କରାଯାଇଥିଲା। ବିଭିନ୍ନ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସମସ୍ତଙ୍କ ମତାମତ ପରେ ବ୍ଲକସ୍ତରୀୟ କଳାହାଣ୍ଡି ଉତ୍ସବ 'ଘୁମୁରା' ପାଇଁ ଜାନୁଆରୀ ୮ ଓ ୯କୁ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ଉତ୍ସବକୁ ଆକର୍ଷଣ କରିବା ପାଇଁ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ମା' ମାଣିକେଶ୍ୱରୀ ମନ୍ଦିର, ମୁଖ୍ୟ ଗେଟ୍ ସହ ରାଜ ଭବନକୁ ନେଇ ମଞ୍ଚ ତିଆରି କରିବା ପାଇଁ ସ୍ଥିର କରାଯାଇଛି। ବୈଠକରେ ଶର୍ମିଳା ଛତ୍ରିଆ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ସୁକାନ୍ତ ବେହେରା, ପିପି ସିଂ, ପୁରୁଷୋତ୍ତମ ଗୁପ୍ତା, କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଅଧ୍ୟାପକ ଐରୀ ନାଶନ ଚିନ୍ଦା, ଅଶ୍ୱିନୀ ପଟ୍ଟନାୟକ, ସୁବ୍ରତ ବେହେରା, ଏବିଇଓ ତୋଫାନ ମାଝୀ, ଶିବ ପ୍ରସାଦ ପ୍ରଧାନୀ, ତ୍ରିଭୁବନ ନାଏକ, ସମିତି ସଭ୍ୟ ଘନଶ୍ୟାମ ନାଏକ, ଜିତେନ୍ଦ୍ର ପ୍ରଧାନୀ, ନିମାଇଁ ଚରଣ ଧଙ୍ଗଡ଼ାମାଝିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ମଧ୍ୟ ଉପସ୍ଥିତ ରହି ନିଜ ନିଜର ମତାମତ ମତ ପ୍ରଦାନ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ବେହେରା ପରିଚାଳନା କରିଥିଲେ।



# ଅସ୍ତ୍ରୋପଚାର ପରେ ସାପର ମୃତ୍ୟୁ

**ନୂଆପଡ଼ା/ଖଡ଼ିଆଳ, ୧୩।୧୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ପ୍ରାଣୀ ଚିକିତ୍ସା ବିଭାଗ କାର୍ଯ୍ୟାଳୟରେ ପ୍ରଥମ ଥର ପାଇଁ ଏକ ନାଗ ସାପର ଅସ୍ତ୍ରୋପଚାର କରାଯାଇଥିଲା। ଗୁରୁବାର ଖଡ଼ିଆଳ ଲାଲ ସାହେବପଡ଼ାରେ ଏକ ନାଗ ସାପ ସଡ଼କ ଅତିକ୍ରମ କରୁଥିବାବେଳେ ଜେସିବି ମାଡ଼ିଯିବାରୁ କ୍ଷତାକ୍ତ ହୋଇଥିଲା। ଖବର ପାଇ ପ୍ରାଣୀ ଚିକିତ୍ସା ବିଭାଗର କର୍ମଚାରୀ ଲକ୍ଷ୍ମୀକାନ୍ତ ଭୋଇ କ୍ଷତାକ୍ତ ନାଗକୁ ଉଦ୍ଧାର କରିଥିଲେ। ପରେ ଖଡ଼ିଆଳ ପ୍ରାଣୀ ଚିକିତ୍ସା ଅଧିକାରୀ ସଂଗ୍ରାମ କେଶରୀ ବେହେରା ଉକ୍ତ ସାପର ଚିକିତ୍ସା ଆରମ୍ଭ କରିଥିଲେ। ସଫଳ ଭାବେ ଚିକିତ୍ସା ହୋଇଥିବାବେଳେ ଶୁକ୍ରବାର ସକାଳେ ଉକ୍ତ ସାପଟିର ମୃତ୍ୟୁ ହୋଇଥିଲା।

# ଆମପାଣି ଘାଟିରେ ଓଲଟିଲା ଟ୍ରକ୍

**କୋକସରା, ୧୩।୧୨(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା ବ୍ଲକ ଆମପାଣି ଘାଟିରେ ଭାରସାମ୍ୟ ହରାଇ ଶୁକ୍ରବାର ଏକ ଟ୍ରକ୍ ଓଲଟି ପଡ଼ିଛି। ମହାରାଷ୍ଟ୍ରରୁ ପଶ୍ଚିମବଙ୍ଗ ଯାଉଥିବା ଏହି ଟ୍ରକ୍ କଳାହାଣ୍ଡି ନବରଙ୍ଗପୁର ଜିଲ୍ଲା ସୀମାନ୍ତ ଆମପାଣି ଘାଟି ରାସ୍ତାରେ ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ଡ୍ରାଇଭର ଓ ହେଲପର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ସାମାନ୍ୟ ଆହତ ହୋଇଥଲେ। ଆମପାଣି ମେଡିକାଲରେ ସେମାନେ ଚିକିତ୍ସା ହୋଇଛନ୍ତି। ଆମପାଣି ପୁଲିସ ଘଟଣାର ଖବର ପାଇ ତଦନ୍ତ କରିଛି।

# ଗାନ୍ଧିଗ୍ରାମ ପଡ଼ାରେ ୨୬ତମ ମହାଲକ୍ଷ୍ମୀ ପୂଜା

**ଜୟପାଟଣା, ୧୩।୧୨(ସମିସ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଗାନ୍ଧୀଗ୍ରାମ ପଡ଼ାରେ ମାର୍ଗଶିର ମାସ ଲକ୍ଷ୍ମୀ ଠାକୁରାଣୀଙ୍କ ପୂଜା ଅବସରରେ ୨୬ତମ ମାଣବସା ଲକ୍ଷ୍ମୀ ପୂଜା ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଦୀପ ମାଝୀ ଓ ତାଙ୍କ ସହଧର୍ମିଣୀ ବବିତା ମାଝୀ କର୍ତ୍ତା ରହିଥିବା ବେଳେ ମୁଖ୍ୟ ପୂଜକ ହୃଷିକେଶ ମୁଣ୍ଡ ପୂଜାର୍ଚ୍ଚନା କରିଥିଲେ। ଗୌରଚନ୍ଦ୍ର ସାହୁ, ନରେଶ ଚନ୍ଦ୍ର ସାହୁ, ସୁନୀଲ ସାହୁ, ବିକାଶ ସାହୁ ପ୍ରମୁଖ ପରିଚାଳନା କରିଥିଲେ। ସୁଶୀଲ ନାଏକ, କୃଷ୍ଣଚନ୍ଦ୍ର ରାଉତ, ତପନ ସାହୁ, ଚିତ୍ତ ରଞ୍ଜନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ରୁଦ୍ର ପ୍ରସାଦ ସାହୁ ମେମୋରିଆଲ କପ୍ ଉଦ୍‌ଘାଟିତ

# ଧର୍ମଗଡ଼କୁ ହରାଇ ଭବାନୀପାଟଣା ବିଜୟୀ

**ଜୁନାଗଡ଼, ୧୩।୧୨(ସମିସ)**



ଜୁନାଗଡ଼ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ରୁଦ୍ର ପ୍ରସାଦ ସାହୁ ମେମୋରିଆଲ ଜୁନାଗଡ଼ କପ୍ ଅନ୍ତଃ ରାଜ୍ୟ କ୍ରିକେଟ ଉଦ୍‌ଘାଟିତ ହୋଇଛି। ନ୍ୟୁ ରେଡ୍ ଷ୍ଟାର ସ୍ପୋର୍ଟ୍ସ କ୍ଲବ୍ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରମେଶ ପାଢ଼ୀ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ପାରିଷଦ ସଚିନ ଅନ୍ଧାନୀ, ଚକ୍ରଧର ବାଗ, ଦୁର୍ଗାପ୍ରସାଦ ନାଏକ, ଲଳିତ ଅଗ୍ରୱାଲ ଉପସ୍ଥିତ ଥିଲେ। ଭବାନୀପାଟଣା କେଡିସିସି ସହିତ ଧର୍ମଗଡ଼ ଏମବିଆଇସି ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ଟସ୍ ଜିତି ପ୍ରଥମେ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଧର୍ମଗଡ଼ ମାତ୍ର ୧୭ ଓଭର ଏକ ବଲ୍‌ରେ ସମସ୍ତ ଉଇକେଟ ହରାଇ ୮୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଭବାନୀପାଟଣା ୧୪ ଓଭର ଏକ ବଲ୍‌ରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ଭବାନୀପାଟଣା କ୍ୟାପଟେନ ଶୁଭମ ଦାସ ମ୍ୟାନ ଅଫ ଦି ମ୍ୟାଚ ଘୋଷିତ ହୋଇଥିଲେ। ଦିପେନ ସାହୁ ଓ ନୀତିଶ ମହାପାତ୍ର ଖେଳ ପରିଚାଳନା କରିଥିବା ବେଳେ ବିନୟ ସାହୁ ଓ ସନ୍ତୋଷ ପୃଷ୍ଟି ଧାରା ବିବରଣି ଦେଇଥିଲେ। ମୁକେଶ ପୋଡ଼ ସ୍କୋରର ଦାୟିତ୍ୱ ନେଇଥିଲେ। ହାସୀମ ଖାନ ଅନଲାଇନ ସ୍କୋର ଦାଇତ୍ୱ ନେଇଥିଲେ। କ୍ଲବ ଉପ ସଭାପତି ସରୋଜ ପଣ୍ଡା, ସମ୍ପାଦକ କାଳିନ୍ଦୀ ପାଣିଗ୍ରାହୀ, ମାନସ ସାହୁ, କାଳିଆ କନ୍ଦପାନ, କହ୍ନେଇ ରାହୁଲ, ସୁଶୀଲ ଠାକୁର, ଦିଲୀପ ପଣ୍ଡା, ତୁଳସୀ ପଟ୍ଟନାୟକ, ରମଣୀ ପଣ୍ଡା, ପପୁ ପଣ୍ଡା, ସୁଜିତ ପଣ୍ଡା, ପ୍ରଭୁଦତ୍ତ ପଣ୍ଡା, ଅଶୋକ ପଟନାୟକ, ସରପଞ୍ଚ ଦିବ୍ୟ ଦୀପ, ଦୀପକ ସାହୁ, କଳିଙ୍ଗ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଶନିବାର ଜୁନାଗଡ଼ ଓ ଭବାନୀପାଟଣା ମଧ୍ୟରେ ଖେଳ ଅନୁଷ୍ଠିତ ହେବ।

# ନ୍ୟାସନାଲ ହାଇସ୍କୁଲର ବାର୍ଷିକ କ୍ରୀଡ଼ା



**ନୂଆପଡ଼ା, ୧୩।୧୨(ସମିସ):** ଜିଲ୍ଲା ସଦର ମହକୁମାସ୍ଥିତ ନ୍ୟାସନାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷକ ଗୁଲାପ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର କୁମାର ବଡ଼େଇ ମୁଖ୍ୟଅତିଥି ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଶେଷ ଅତିଥି ଭାବେ ଜିଲ୍ଲା କ୍ରିକେଟ ସଂଘ ସଭାପତି ତଥା ଓସିଏ ସଦସ୍ୟ ସରୋଜ କୁମାର ସାହୁ, କ୍ରୀଡ଼ାବିତ ହରିଶ ବାତ୍ରା ଓ ରାଜୁ ଛାବଡା ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଚୁଲାଭାଟ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୋଧ କୁମାର ହୋତା ବ୍ୟକ୍ତିଗତ ଓ ସାମୂହିକ ଜୀବନରେ କ୍ରୀଡ଼ାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୁଞ୍ଜ ବାଗ, ସଦର ସିଆରସିସି ଜୀତେନ୍ଦ୍ର ଖମାରୀ, ଶିକ୍ଷକ ସଂଘ ସଭାପତି ଶଙ୍କର୍ଷଣ ପୁରୋହିତ, ଅଁଲାୟୁବ ସିଆରସିସି ଶରତ କୁମାର ପଣ୍ଡା, ହିନ୍ଦୀ ଶିକ୍ଷକ ଅବୋଧ ନାରାୟଣ ପଟେଲ ମଞ୍ଚାସିନ ଥିଲେ। କ୍ରୀଡ଼ା ଶିକ୍ଷକ ମୋହନ ମହନ୍ତ ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ସୁକାନ୍ତ ଶତପଥୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

